visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.298 Bhubaneswar Wednesday, January 19, 2022 | ୨୪ତମ ବର୍ଷ ସଂଖ୍ୟା–୨୯୮ ଭୁବନେଶ୍ୱର, ବୁଧବାର, ଜାନୁଆରୀ ୧୯, ୨୦୨୨ (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) | Member-INS

## ରାଜ୍ୟରେ କୋଭିଡ୍ ପରିସ୍ଥିତି ନିୟନ୍ତ୍ରଣାଧୀନ, ବୁଷ୍ଟର ଡୋଜ୍ ନେବେ ସାମ୍ବାଦିକ

ଭୁବନେଶ୍ୱର,୧୮।୧(ପି.ଏନ): ରାଜ୍ୟରେ କ୍ରମାଗତ କିଛି ଦିନ ଧରି କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୧୦ହଜାର ଉପରେ ରହିଥିଲେ ମଧ୍ୟ କୋଭିଡ୍ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୟଭୀତ ନହୋଇ କୋଭିଡର ସମସ୍ତ ନିୟମକୁ ପାଳନ କରିବା ପାଇଁ ସାଧାରଣ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବୁଷ୍ଟର ଡୋଜ୍ ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଜି କୋଭିଡ୍ ପରିସ୍ଥିତିର ସମୀକ୍ଷା କରି କହିଛନ୍ତି ଯେ, ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କୋଭିଡ୍ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେଇଛନ୍ ?ତି। ସାଧାରଣ ଲୋକଙ୍କ ସହଯୋଗ ମିଳିଲେ, ଜୀବନ ଜୀବିକାକୁ ପ୍ରଭାବିତ ନକରି ପରିସ୍ଥିତିକୁ ମୁକାବିଲା କରାଯାଇ ପାରିବ। ତୃତୀୟ ଲହରୀରେ ବର୍ତ୍ତମାନ ପର୍ଯ୍ୟନ୍ତ କୋଭିଡ୍ ପରିଚ୍ଳାଳନା ଠିକ୍ ରହିଛି। ଗତ କିଛି ଦିନ ମଧ୍ୟରେ ଦୈନିକ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ପ୍ରାୟ ସ୍ଥିର ରହିଛି। ଦେଶର ବଡ ବଡ ସହରରେ ସକ୍ରିୟ ମାମଲା ସଂଖ୍ୟା ହ୍ରାସ




ପାଇବା ଆରମ୍ଭ ହୋଇଛି। ରୋଗୀଙ୍କ ଲକ୍ଷଣ ସାମାନ୍ୟ ରହୁଛି ଓ ଖୁବ କମ୍ ରୋଗୀଙ୍କୁ ହସ୍ପିଟାଲ ଯିବାକୁ ପଡୁଛି। ତଥାପି ସମସ୍ତଙ୍କୁ ସମ୍ପୂର୍ଣ୍ଣ ସତର୍କ ଓ ପ୍ରସ୍ତୁତ ରହିବାକୁ ପଡିବ। କୋଭିଡ୍ ରୋଗୀଙ୍କ ସଂଖ୍ୟା ଅଧିକ ରହୁଥିବା ଦୃଷ୍ଟିରୁ ଲୋକ ଯେଭଳି ଭୟଭୀତ ନହେବେ ସେଥିପାଇଁ ମୁଖ୍ୟ ସଚ୍ଚିବ ତାଙ୍କର ପ୍ରେସ୍ ସୂଚ୍ନା ମାଧ୍ୟମରେ ପରାମର୍ଶ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।ରାଜ୍ୟରେ କୋଭିଡ୍ ଟୀକାକରଣ କାର୍ଯ୍ୟକ୍ରମକୁ ଜୋରଦାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ମେଡିକାଲ ଷ୍ଟାଫ, ପୁଲିସ, ପ୍ରଶାସନିକ ଅଧିକାରୀ ଓ ରୋଗର ଅଧିକ ଆଶଙ୍କା ଥିବା ନାଗରିକଙ୍କୁ ବୁଷ୍ଟର ଡୋଜ୍ ପ୍ରଦାନ ତ୍ୱରାନ୍ୱିତ କରିବା ପାଇଁ କହିଥିଲେ। ଗଣମାଧ୍ୟମର ପ୍ରତିନିଧିମାନେ ମଧ୍ୟ ଆଗଧାଡିର କର୍ମୀ ଭାବେ ପରିଗଣିତ ହେଉଥିବାରୁ ସେମାନଙ୍କୁ ବୁଷ୍ଟର ଡୋଜ୍ ପ୍ରଦାନରେ ପ୍ରାଥମିକତା ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଘରେ ରହୁଥିବା କୋଭିଡ୍ ରୋଗୀଙ୍କର ନିୟମିତ ତଦାରଖ କରିବା ଉପରେ ଗୁରୁତ୍ୱ ଦେବା ସହ ମାଇକ୍ରୋ କଣ୍ଟେନମେଣ୍ଟ ରଣନୀତି ଓ ସଚେତନତା ସହ ନିୟମର ଦୃ ? ଅନୁପାଳନ ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ସବୁ କୋଭିଡ୍ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରିବା ସହ ଔଷଧପତ୍ର ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀର ବ୍ୟବସ୍ଥା ହୋଇଛି। ଲୋକଙ୍କ ଜୀବିକା ଯେପରି ପ୍ରଭାବିତ ନହୁଏ ତାକୁ ଦୃଷ୍ଟିରେ ରଖି ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟ ସଚ୍ଚିବ ଶ୍ରୀ ମହାପାତ୍ର କହିଛନ୍ତି ।ସେହିପରି ସ୍ୱାସ୍ଥ୍ୟ ସଚ୍ଚିବ ଆରକେ ଶର୍ମା କହିଥିଲେ ଯେ, ରାଜ୍ୟରେ ଏବେ ଦୈନିକ ୧୦ରୁ ୧୧ହଜାର ନୂଆ କୋଭିଡ୍ ସଂକ୍ରମିତ ରୋଗୀ ଚ୍ହ୍ନଟ ହେଉଥିଲେ ମଧ୍ୟ ହସ୍ପିଟାଲରେ ଚ୍କିତ୍ସାଧୀନ ରୋଗୀଙ୍କ ସଂଖ୍ୟା ବହୁତ କମ୍ ରହିଛି। ରାଜ୍ୟରେ ଏବେ କୋଭିଡ୍ ରୋଗୀଙ୍କ ପାଇଁ ୧୧,୨୯୧ଟି ବେଡ୍ ଥିବାବେଳେ ଏଥିରୁ ମାତ୍ର ୧୧ ପ୍ରତିଶତ ବେଡରେ ରୋଗୀଙ୍କ ଚ୍କିତ୍ସା ଚ୍ଳିଛି। ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଔଷଧ, ଅକ୍ସିଜେନ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ମହଜୁଦ ରହିଛି। ରାଜ୍ୟରେ ୯୨.୭ ପ୍ରତିଶତ ପ୍ରଥମ ଡୋଜ୍ ଓ ୭୦.୭ ପ୍ରତିଶତ ଦ୍ୱିତୀୟ ଡୋଜ୍ ନେଇସାରିଛନ୍ତି। ୧୫ରୁ ୧୮ବୟସ୍କ କିଶୋରମାନଙ୍କ କ୍ଷେତ୍ରରେ ୪୫.୮ ପ୍ରତିଶତ ଟିକାକରଣ ହୋଇଛି ଓ ୧୪ ପ୍ରତିଶତ ବୁଷ୍ଟର ଡୋଜ୍ ଟିକାକରଣ ହୋଇଛି ବୋଲି ସେ କହିଥିଲେ।

## ଆଇଏନଏସ୍ ରଣବୀରରେ ବିସ୍ଫୋରଣ, ୩ ନୌସେନା କର୍ମଚ୍ାରୀ ମୃତ

ମୁମ୍ବାଇ,୧୮।୧(ପି.ଏନ): ଭାରତୀୟ ନୌସନାର ମୁମ୍ବାଇ ଡକୟାର୍ଡରେ ବଡ ଅଘଟଣ ଘଟିଛି। ଏହି ଡକୟାର୍ଡରେ ଥିବା ଆଇଏନଏସ୍ ରଣବୀର ଡୋପରେ ଆଜି ସନ୍ଧ୍ୟାରେ ହଠାତ୍ ବିସ୍ଫୋରଣ ହୋଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଏଥିରେ ୩ ଜଣ ନୌସେନା କର୍ମଚ୍ାରୀଙ୍କୁ ମୃତ୍ୟୁ ଘଟିଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଉଦ୍ଧାର ଓ ନିଆଁ ଲିଭା କାର୍ଯ୍ୟ ଚ୍ଳିଥିବାରୁ ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିନାହିଁ। ମିଳିଥିବା ସୂଚ୍ନା ଅନୁଯାୟୀ, ରାଜପୁତ କ୍ଲାସ ବିଧ୍ୱଂସକାରୀ ଆଇଏନଏସ୍ ରଣବୀର ନୌସେନାର ମୁମ୍ବାଇ ଡକୟାର୍ଡରେ ଥିବା ବେଳେ ଘଟଣା ଘଟିଛି। ଏହି ଯୁଦ୍ଧ ଡୋପର ଆଭ୍ୟନ୍ତରୀଣ କମ୍ପାର୍ଟମେଣ୍ଟରେ ବିସ୍ଫୋରଣ ହୋଇଛି। ବିସ୍ଫୋରଣ ପରେ ଡୋପରେ ନିଆଁ ଲାଗି ଯାଇଥିଲା।ତେବେ କ୍ରୁ ସଦସ୍ୟଙ୍କ ଉପଯୁକ୍ତ ପଦକ୍ଷେପ ଯୋଗୁ ସ୍ଥିତି



ନିୟନ୍ତ୍ରଣ ହୋଇଥିଲା। ବିସ୍ଫୋରଣ ସତ୍ତ୍ୱେ ଡୋପରେ କୌଣସି ପ୍ରକାରର ବିଶେଷ ସାମଗ୍ରୀ ଜନିତ କ୍ଷତି ହୋଇନାହିଁ। ବିସ୍ଫୋରଣର କାରଣ ଜଣାପଡିନି। କିନ୍ତୁ ଘଟଣାର ବୋର୍ଡ ଅଫ ଇନକ୍ୱାରୀ ନିର୍ଦ୍ଦେଶ ଦିଆଯାଇଥିବା ନୌସେନା ପକ୍ଷରୁ କୁହାଯାଇଛି।ଇଷ୍ଟର୍ଣ୍ଣ ନାଭାଲ କମାଣ୍ଡ ପକ୍ଷରୁ ଆଇଏନଏସ୍ ରଣବୀର ୨୦୨୧ ନଭେମ୍ବର ମାସରୁ କ୍ରସ କଷ୍ଟ ଅପରେସନାଲ କାମରେ ନିୟୋଜିତ ଥିଲା। ଏହା ଖୁବଶୀଘ୍ର ବେସ୍‌କୁ ପୋର୍ଟକୁ ଫେରିଥାଆନ୍ତା। ଓ ହେଲେ ଏହା ପୂର୍ବରୁ ଡକୟାର୍ଡରେ ଥିବା ବେଳେ ଏପରି ଅଘଟଣ ଘଟିଛି। ଆଭ୍ୟନ୍ତରୀଣ କମ୍ପାର୍ଟମେଣ୍ଟରେ ହୋଇଥିବା ବିସ୍ଫୋରଣ ସହ ଅସ୍ତ୍ରଶସ୍ତ୍ର କିମ୍ବା ବିସ୍ଫୋରକର କୌଣସି ଭୂମିକା ନାହିଁ। ତଥାପି ଘଟଣାର ତଦନ୍ତ ପରେ ପୂରା ତଥ୍ୟ ଆସିବ ବୋଲି ନୌସେନା ସୂତ୍ରରୁ ଜଣାପଡିଛି।

### ଦ୍ୱିତୀୟ ଦିନରେ ପ୍ରାର୍ଥୀପତ୍ର ଦାଖଲ କଲେ ୧୩,୩୫୬

ଭୁବନେଶ୍ୱର, ୧୮।୧(ପି.ଏନ): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଦ୍ୱିତୀୟ ଦିନରେ ୧୩ ହଜାର ୩୫୬ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏଥିରୁ ୱାର୍ଡମେମ୍ବର ଭାବେ ୧୦ ହଜାର ୭୩୪, ସରପଂଚ ଭାବେ ୧ ହଜାର ୫୪୬, ପଂଚାୟତ ସମିତି ଭାବେ ୧ ହଜାର ୩୪ ଓ ଜିଲ୍ଲା ପରିଷଦ ସଦସ୍ୟ ଭାବେ ୪୨ ଜଣ ପ୍ରାର୍ଥୀ ମଙ୍ଗଳବାର ନାମାଙ୍କନ ଦାଖଲ କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବଙ୍କ ପକ୍ଷରୁ ଏହି ସୂଚନା ମିଳିଛି।

## ତିଳୋତ୍ତମା କରଙ୍କ ଦେହାନ୍ତ

ସୋରୋ,୧୮।୧(ପି.ଏନ): ସୋର ଅନନ୍ତପୁର ଅଞ୍ଚଳର ବଳଭଦ୍ରପୁର ଶାସନର ଶ୍ରୀମତୀ ତିଳୋଟାମା କରଙ୍କର ଦେହାନ୍ତ ହୋଇଛି। ସେ ଜଣେ ସ୍ନେହୀ, ଯତ୍ନଶୀଳ ଏବଂ ଆଧ୍ୟାତ୍ମିକ ମହିଳା ଥିଲେ। ତାଙ୍କର ପୁତ୍ର, କନ୍ୟା ଓ ଜାମାତା, ନାତିନାତୁଣୀ ପରିବାରବର୍ଗଙ୍କୁ ଶୋକ ସାଗରରେ ଭସାଇ ଇହଲୀଳା ସମ୍ବରଣ କରିଛନ୍ତି। ଅନେକ ପ୍ରତିଷ୍ଠିତ ବ୍ୟକ୍ତି ତାଙ୍କ ମୃତ୍ୟୁରେ ସମବେଦନା ଜଣାଇଛନ୍ତି। ତାଙ୍କ ସ୍ୱାମୀ ଶ୍ରୀ ଅଶୋକ କୁମାର କର ଜଣେ ଭାବାତିତ ଧ୍ୟାନଯୋଗ ଶିକ୍ଷକ ଏବଂ ବର୍ତ୍ତମାନ ବାରିପଦା ମହର୍ଷି ପବ୍ଲିକ ସ୍କୁଲର ପ୍ରଶାସକ ଅଟନ୍ତି।



## ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ : କଲେଜ ପ୍ରିନ୍ସିପାଲ ଓ ସାଲେପୁର ଏସ୍‌ଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୧(ପି.ଏନ): ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ମା' ତାରିଣୀ କଲେଜ ପ୍ରିନ୍ସିପାଲ ବିକାଶ ଦାଶ ଓ ସାଲେପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ରାଜ୍ୟ ନିର୍ବାଚନ କମିଶନ ଏହି ଦୁଇ ସରକାରୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମ୍ପୃକ୍ତ ବିଭାଗକୁ ସୁପାରିଶ କରିଛନ୍ତି। ଏହା ସହିତ କାର୍ଯ୍ୟାନୁଷ୍ଠାନ ନିଆଗଲା କି ନାହିଁ, ସେ ନେଇ ଆଜି ସନ୍ଧ୍ୟା ସୁଦ୍ଧା ଜଣାଇବାକୁ କହିଛନ୍ତି ନିର୍ବାଚନ କମିଶନ।ପ୍ରିନ୍ସିପାଲ ବିକାଶ ଦାଶଙ୍କୁ ନିଲମ୍ବନ କରିବା ପାଇଁ ଗଣଶିକ୍ଷା ବିଭାଗକୁ ସୁପାରିଶ କରାଯାଇଛି। ଏଥିସହ ତାଙ୍କ ନାଁରେ ଏଫଆଇଆର ରୁଜୁ କରିବା ପାଇଁ ଜିଲ୍ଲାପାଳଙ୍କୁ କହିଛନ୍ତି ନିର୍ବାଚନ କମିଶନ। ସେହିପରି ସାଲେପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝୀଙ୍କୁ ନିଲମ୍ବନ କରିବା ପାଇଁ ଡିଜିପିଙ୍କୁ ସୁପାରିଶ କରାଯାଇଛି। ଏଥିସହ ତାଙ୍କୁ ପୋଲିସ୍ ମୁଖ୍ୟାଳୟରେ ରଖିବାକୁ କୁହାଯାଇଛି।ସୂଚ୍ନା ଅନୁଯାୟୀ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ଜାରି କରିଥିବା ଗାଇଡ଼ଲାଇନ୍ କୁ ଉଲ୍ଲଂଘନ କରି ଗତ ରବିବାର ମା'ତାରିଣୀ କଲେଜରେ ନିର୍ବାଚନୀ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ୨ଶହରୁ ଅଧିକ ଲୋକ ଏକତ୍ରିତ ହୋଇଥିଲେ। ଗଡ଼ରୋମିତ ପଂଚାୟତର ଆଶାୟୀ ସରପଂଚ ଏହି ସଭା ଆୟୋଜିତ ହୋଇଥିଲା। ପ୍ରିନ୍ସିପାଲ ବିକାଶ ଦାଶ ଓ ଏସ୍ ଡିପିଓ ପ୍ରଶାନ୍ତ ମାଝୀ ଉକ୍ତ ପଂଚାୟତର ବାସିନ୍ଦା ହୋଇଥିବାରୁ ସେମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଗତକାଲି ଏହାର ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣା ନେଇ ଗତକାଲି ରାଜ୍ୟ ନିର୍ବାଚନ କମିଶନର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ରିପୋର୍ଟ ମାଗିଥିଲେ। ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଉଭୟ ସରକାରୀ ଅଧିକାରୀଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ସୁପାରିଶ କରିଛନ୍ତି କମିଶନ। ପ୍ରଶାନ୍ତ ମାଝୀଙ୍କୁ ନିଲମ୍ବନ ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ଏ ସଂପର୍କରେ ଗୃହ ବିଭାଗକୁ ମଧ୍ୟ ଅବଗତ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଜୟଚନ୍ଦ୍ରପୁରସ୍ଥିତ ମା'ତାରେଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିକାଶ ଚନ୍ଦ୍ର ଦାସଙ୍କୁ ନିଲମ୍ବନ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ୨୧ ପର୍ଯ୍ୟନ୍ତ ବନ୍ଦ ରହିବ ଲୋକାୟୁକ୍ତ କାର୍ଯ୍ୟାଳୟ

ଭୁବନେଶ୍ୱର, ୧୮।୧(ପି.ଏନ): ଜାନୁଆରୀ ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଓଡିଶା ଲୋକାୟୁକ୍ତ କାର୍ଯ୍ୟାଳୟ ବନ୍ଦ ରହିବ। କୋଭିଡ୍ ସଂକ୍ରମଣ ବୃଦ୍ଧି ପରିପ୍ରେକ୍ଷୀରେ ଲୋକାୟୁକ୍ତଙ୍କ ଖଣ୍ଡପୀଠ ସମେତ ଲୋକାୟୁକ୍ତ କାର୍ଯ୍ୟାଳୟ ଉପରୋକ୍ତ ତିନି ଦିନ ସାମୟିକ ଭାବେ ବନ୍ଦ ରହିବ ଓ ଆସନ୍ତା ଜାନୁଆରୀ ୨୪ରୁ ପୂର୍ବଭଳି କାର୍ଯ୍ୟ କରିବ ବୋଲି ଲୋକାୟୁକ୍ତ କାର୍ଯ୍ୟାଳୟ ତରଫରୁ ଜନସାଧାରଣଙ୍କ ନିମନ୍ତେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଲୋକାୟୁକ୍ତ କାର୍ଯ୍ୟାଳୟ ୱେବ୍ ସାଇଟ୍ ଏବଂ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ମଧ୍ୟ ସୂଚନା ଦିଆଯାଇଛି। ସଂପ୍ରତି ଭୁବନେଶ୍ୱର ସତ୍ୟନଗର ତୋଷାଳୀ ଭବନସ୍ଥିତ ବି–୨, ତଳ ମହଲାରେ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ ରହିଛି।

### ନିର୍ବାଚନ ଡ୍ୟୁଟିରେ ଥାଇ ମୃତ୍ୟୁ ହେଲେ ୩୦ ଲକ୍ଷ ଅନୁକମ୍ପା ରାଶି ମିଳିବ

ଭୁବନେଶ୍ୱର, ୧୮।୧(ପି.ଏନ): ପଂଚାୟତ ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ବଡ଼ ଘୋଷଣା କରିଛନ୍ତି। ଏହି ଘୋଷଣା ଅନୁଯାୟୀ, ପୂର୍ବରୁ ଥିବା ମୃତ୍ୟୁ ଜନିତ ଅନୁକମ୍ପା ରାଶି ବଢ଼ାଇଯାଇଛି। ଏଣିକି ନିର୍ବାଚନ ଡ୍ୟୁଟିରେ ମୃତ୍ୟୁ ହେଲେ ୩୦ ଲକ୍ଷର ଅନୁକମ୍ପା ପ୍ରଦାନ କରା ଯିବ।। ହିଂସା, ଅସାମାଜିକଙ୍କ ଆକ୍ରମଣ ଓ ବୋମା ବିସ୍ଫୋରଣ ହେଲେ ମିଳିବ ଏହି ଅନୁକମ୍ପା। ସେହିପରି ଯଦି ଡ୍ୟୁଟିରେ ଥାଇ ଅନ୍ୟ କାରଣରୁ ମୃତ୍ୟୁ ହେଲା। ତେବେ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ମିଳିବ। ହିଂସାରେ ଯଦି ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ତେବେ ୧୫ ଲକ୍ଷର ଅନୁକମ୍ପା ରାଶି ମିଳିବ ବୋଲି କୁହା ଯାଇଛି। ସେହିଭଳି ଡ୍ୟୁଟିରେ ଥାଇ କୋଭିଡରେ ମୃତ୍ୟୁ ହେଲେ ମିଳିବ ୩୦ ଲକ୍ଷ।

## ଚଳିତ ଲହରୀରେ ହସ୍ପିଟାଲରେ କୋଭିଡ୍ ରୋଗୀଙ୍କ ସଂଖ୍ୟା କମ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୮।୧(ପି.ଏନ): ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ମଙ୍ଗଳବାର ଦିନ କହିଛନ୍ତି ଯେ ଚଳିତ ଲହରୀରେ ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା କମ ରହିଛି। ସେ କହିଛନ୍ତି ଯେ ଜେନେରାଲ ବେଡ଼ ୯ପ୍ରତିଶତ, ଆଇସିୟୁ ବେଡ଼ ୧୫ ପ୍ରତିଶତ, ଭେଣ୍ଟିଲେଟର ୫ରୁ ୬ ପ୍ରତିଶତ ଥିବା ବେଳେ ପେଡ୍ରିଆଟିକ ଆଡମିସନ ବହୁତ କମ ରହିଛି। ଏହି ଲହରରେ ହସ୍ପିଟାଲ ଆଡମିସନ ଓ ଅକ୍ସିଜେନ ଆବଶ୍ୟକତା କମ ରହିଥିବା ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ କିଛିଦିନ ହେବ ୧୦ରୁ ୧୧ହଜାର ଭିତରେ ଦୈନିକ ସଂକ୍ରମଣ ରହୁଛି। ଏହି ଟ୍ରେଣ୍ଡ ବିଷୟରେ ଜାଣିବା ପାଇଁ ସର୍ବନିମ୍ନ ୧୦ ରୁ ୧୫ ଦିନ ସମୟ ଦରକାର। ଯେପର୍ଯ୍ୟନ୍ତ ଏ ଟ୍ରେଣ୍ଡ ବିଷୟରେ ନ ଜାଣିଛେ ତାହା ଆଗକୁ ବଢ଼ିବ ନା କମିବ କହିବା ଯୁକ୍ତିଯୁକ୍ତ ନୁହେଁ ବୋଲି ସେ କହିଛନ୍ତି। ସେ ଆହୁରି ସୂଚନା ଦେଇଛନ୍ତି ଯେ ସିଡିସି ୧୫ ଦିନ ପୂର୍ବରୁ କହିଛନ୍ତି ଯେ ହୋମ ଆଇସୋଲେସନକୁ ୫ଦିନ କଲେ କୌଣସି ଅସୁବିଧା ହେବ ନାହିଁ।

### ୧୧ ଜିଲ୍ଲାକୁ ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୧୮।୧(ପି.ଏନ): ଆସନ୍ତା ୪୮ ଘଂଟା ମଧ୍ୟରେ ରାଜ୍ୟର ଜିଲ୍ଲାଗୁଡ଼ିକରେ ଦିନର ତାପମାତ୍ରାରେ ବୃଦ୍ଧି ଘଟିବା ସହ ଶୀତର ପ୍ରକୋପ ହ୍ରାସ ପାଇବ। ଏହି ସମୟ ମଧ୍ୟରେ ରାତି ଓ ପାହାନ୍ତା ସମୟରେ ଘନ କୁହୁଡି ଦେଖାଦେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନାଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ, ବୌଦ୍ଧ, ନୟାଗଡ଼, କଟକ, ଅନୁଗୁଳ, ଢେଙ୍କାନାଳ ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ବା ହଳଦିଆ ଚେତାବନୀ ଜାରି କରିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର।

### ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ନିର୍ବାଚନ କମିଶନରଙ୍କ ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର, ୧୮।୧(ପି.ଏନ): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ୨୦୨୨ ପରିପ୍ରେକ୍ଷୀରେ ଚଳିତ ସାଧାରଣତନ୍ତ୍ର ଦିବସ–୨୦୨୨ ପାଳନ ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବାରୁ ଏବଂ ଏହି ସମୟ ମଧ୍ୟରେ ସାଧାରଣତନ୍ତ୍ର ଦିବସ ପଡୁଥିବାରୁ ନିର୍ବାଚନ ଅବଧି ମଧ୍ୟରେ ସାଧାରଣତନ୍ତ୍ର କିପରି ଭାବେ ପାଳନ କରାଯିବ ସେଥି ନେଇ ଏକ ମାର୍ଗଦର୍ଶିକାକୁ ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ସମସ୍ତ କ୍ୟାବିନେଟ୍ ଓ ରାଷ୍ଟ୍ରପାହ୍ୟା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସମସ୍ତ ଆରଡ଼ିସି ଏବଂ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ପ୍ରେରଣ କରାଯାଇଛି।ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି ଯେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ କ୍ୟାବିନେଟ୍ ପାହ୍ୟା, ରାଷ୍ଟ୍ରପାହ୍ୟା ମନ୍ତ୍ରୀ ସାଧାରଣତନ୍ତ୍ର ଦିବସରେ ଅତିଥି ଭାବେ ଯୋଗଦେଉଥିବା ବେଳେ ତାଙ୍କ ଭାଷଣ କେବଳ ରାଷ୍ଟ୍ର, ସ୍ୱାଧୀନତା ସଂଗ୍ରାମୀ, ଶହୀଦ ଏବଂ ରାଷ୍ଟ୍ରର ଜୟଗାନ ମଧ୍ୟରେ ସୀମିତ ରହିବ।

## କଣ୍ଠଶିଳ୍ପୀ ଧୃବାନନ୍ଦ ଦାସଙ୍କ ବିୟୋଗରେ ଶୋକ

ଚଣ୍ଡିଖୋଲ,୧୮।୧(ପିଏନ):ଚଣ୍ଡିଖୋଲ ନିକଟସ୍ଥ କ୍ଷେତ୍ରପାଳ ପଂଚାୟତସ୍ଥ କ୍ଷେତ୍ରପାଳ ଗ୍ରାମର ବିଶିଷ୍ଟ କଣ୍ଠଶିଳ୍ପୀ ଧୃବାନନ୍ଦ ଦାସ(୪୨)ଙ୍କ ବିୟୋଗରେ ଗଭିର ଶୋକର ଛାୟା ଖେଳି ଯାଇଛି। ଧୃବାନନ୍ଦ ତାଙ୍କ ଜୀବନରେ କଳା ଓ ସଂଗୀତ ପ୍ରତି ଆଗ୍ରହ ପ୍ରକାଶ କରି ବହୁ ସଂଖ୍ୟାରେ ଭଜନ, ଉଚ୍ଚମାନର ସଂଗୀତ ଗାନ କରି ଏ ଅଂଚଳରେ ଲୋକ ପ୍ରିୟତା ଅର୍ଜନ କରିଥିଲେ। ସେ କ୍ୟାନସର ରୋଗରେ ପୀଡ଼ିତ ହୋଇ ଦୀର୍ଘ ବର୍ଷ ହେବ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ନିଜର ଆର୍ଥିକ ସ୍ଥିତ ସ୍ୱଚ୍ଛଳ ନଥିବାରୁ ତାଙ୍କୁ ଭଦ୍ର ଲୋକ ଆର୍ଥିକ ସହାୟତା କରୁଥିଲେ। ସେ କେବଳ ସଂଗୀତଜ୍ଞ ନଥିଲେ, ହାରମୋନିୟମ୍ ବଜାଇ ସଂଗୀତ କଳାକୁ ଲୋକ ଲୋଚନକୁ ଆଣି ପାରୁଥିଲେ। ଆଜି ତାଙ୍କର ଅକାଳ ମୃତ୍ୟୁ ଘଟିଥିବାରୁ ପୂର୍ବତନ



ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପର୍ଯ୍ୟବେକ୍ଷକ ଖବର କାଗଜର ସଂପାଦକ ଡ଼ଃ ପବିତ୍ର ମୋହନ ସାମନ୍ତରାୟ, ସରପଂଚ ଶ୍ରୀମତୀ ଶାନ୍ତିଲତା ସାହୁ, ଯାଜପୁର ଜିଲା ବିଜେଡ଼ି ସାଧାରଣ ସଂପାଦକ ପ୍ରିୟନାଥ ମହାପାତ୍ର, ଚାରଣ ଗୋଷ୍ଠୀ ଓଡ଼ିଶାର ଅଧ୍ୟକ୍ଷ ଉଦୟ ନାଥ ସାହୁ, ଚାରଣ ଦୂର୍ଯ୍ୟୋଧନ ବେହେରା, ବିଣାପାଣୀ କଳାପୀଠ ଗାନ୍ଧୀଛକର ମୁଖ୍ୟ ପୁରୋଧା ବିପିନ ବିହାରୀ ସ୍ୱାଇଁ, କଣ୍ଠଶିଳ୍ପୀ ଜଗବନ୍ଧୁ ସାହୁ, ଚରଣ ସୂର୍ଯ୍ୟମଣୀ କବି, ପ୍ରାକ୍ତନ ସମିତି ସଭ୍ୟ ଯତିନ୍ଦ୍ର ମହାପାତ୍ର, ଯୁବନେତା ଫକୀର ନାରାୟଣ ମିଶ୍ର, ସାଇ ଆଶ୍ରିତ ଶିବରାମ ସାହୁ, ସାମ୍ବାଦିକ ସୁଶାନ୍ତ କୁମାର ନାୟକ, ସୁଧିର ଖଣ୍ଡାୟୀ, ପ୍ରାକ୍ତନ ସରପଂଚ ଅଶୋକ କୁମାର ସାହୁ, ପବିତ୍ର କୁମାର ବଳ ପ୍ରମୁଖ ଗଭିର ଶୋକ ପ୍ରକାଶ କରିବା ସହିତ ସ୍ୱର୍ଗତ ଧୃବାନନ୍ଦଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ଅଖିଲେଶ ପାଇଁ ପ୍ରଚ୍ାର କରିବେ ମମତା ବାନାର୍ଜୀ, ନିର୍ବାଚ୍ନ ଲଢ଼ିବନି ଟିଏମସି



ଲକ୍ଷ୍ନୌ,୧୮।୧(ପି.ଏନ): ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚ୍ନ ଯେତିକି ପାଖେଇ ଆସୁଛି ରାଜନୀତିକ ବାତାବରଣ ସେତିକି ସରଗରମ ହେଉଛି। ବିଜେପିକୁ କ୍ଷମତାରୁ ହଟାଇବା ପାଇଁ ଅଖିଲେଶ ଯାଦବଙ୍କ ସମାଜବାଦୀ ପାର୍ଟି ସହ ଅନ୍ୟ ରାଜନୀତିକ ଦଳଗୁଡିକ ଚେଷ୍ଟା କରୁଛନ୍ତି। ଏହିକ୍ରମରେ ବିଜେପିକୁ ଗାଦିଚ୍ୟୁତ କରିବା ପାଇଁ ଅଖିଲେଶଙ୍କ ସହ ହାତ ମିଳାଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।ଆଗାମୀ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚ୍ନରେ ମମତାଙ୍କ ଟିଏମସି ପ୍ରାର୍ଥୀ ଦେବନାହିଁ। କିନ୍ତୁ ମମତା ନିର୍ବାଚ୍ନ ବେଳେ ଅଖିଲେଶଙ୍କ ସପା ପାଇଁ ପ୍ରଚ୍ାର କରିବେ।ମଙ୍ଗଳବାର ସମାଜବାଦୀ ପାର୍ଟିର ଉପାଧ୍ୟକ୍ଷ କିରଣମୟ ଦତ୍ତ କୋଲକାତାରେ ମମତାଙ୍କୁ ଭେଟିଛନ୍ତି। ଏହାପରେ ସେ କହିଛନ୍ତି ଯେ ଫେବୃଆରୀ ୮ରେ ମମତା ବାନାର୍ଜୀ ଓ ଅଖିଲେଶ ଯାଦବ ମିଳିତ ଭାବେ ଲକ୍ଷ୍ନୌରେ ଆୟୋଜିତ ଭର୍ଚ୍ୟୁଆଲ ରାଲିକୁ ସମ୍ବୋଧନ କରିବେ। ଏହାପୂର୍ବରୁ ଉଭୟ ମିଳିତ ଭାବେ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରିବେ।ଉଭୟ ନେତା ବାରାଣସୀରେ ମଧ୍ୟ ଭର୍ଚ୍ୟୁଆଲ ରାଲି କରିବାର କାର୍ଯ୍ୟକ୍ରମ ରହିଛି। ଟିଏମସି ଉତ୍ତର ପ୍ରଦେଶରେ କୌଣସି ପ୍ରାର୍ଥୀ ଦେବନାହିଁ। ଦଳ ସମାଜବାଦୀ ପାର୍ଟିକୁ ବାହାରୁ ସବୁ ପ୍ରକାରର ସମର୍ଥନ କରିବ ବୋଲି ଶ୍ରୀ ଦତ୍ତ ସୂଚ୍ନା ଦେଇଛନ୍ତି।ଏହାପୂର୍ବରୁ ମିର୍ଜାପୁର ଆସନକୁ ସମାଜବାଦୀ ପାର୍ଟି ଟିଏମସି ପାଇଁ ଛାଡିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଦତ୍ତଙ୍କ ଏପରି ସୂଚ୍ନା ନୂଆ ଟ୍ୱିଷ୍ଟ ଆଣିଛି।ସୂଚ୍ନାଯୋଗ୍ୟ, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚ୍ନ ବେଳେ ମମତା ବାନାର୍ଜୀ ବିଜେପିର କଡା ଟକ୍କର ସତ୍ତ୍ୱେ କ୍ଷମତା ଦଖଲ କରିବାକୁ ସକ୍ଷମ ହୋଇଥିଲେ। ଏହାପରେ ଜାତୀୟ ରାଜନୀତିରେ ମମତାଙ୍କୁ ନେଇ ବେଶ ଚ୍ର୍ଚ୍ଚା ଲାଗି ରହିଛି। ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଳ୍ପ ଭାବେ କିଛି ଲୋକ ମମତାଙ୍କୁ ମଧ୍ୟ ଦେଖୁଛନ୍ତି।

## ବିଜେଡିକୁ ଭୋଟ ଦେବା ପାଇଁ ବିଡିଓ ,ତହସିଲଦାରମାନେ ଭୋଟରଙ୍କୁ ପ୍ରବର୍ତ୍ତାଉଛନ୍ତି : ବିଜେପି

ଭୁବନେଶ୍ୱର, ୧୮।୧(ପି.ଏନ): ସାଧାରଣ ଲୋକଙ୍କ ସ୍ୱାର୍ଥ ସମ୍ବଳିତ କାର୍ଯ୍ୟ ନକରି ଶାସକ ଦଳର ହାତବାରିସୀ ଓ ଏଜେଂଟ ସାଜି ବିଡିଓ ଓ ତହସିଲଦାରମାନେ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିଜେଡିକୁ ଭୋଟ ଦେବା ପାଇଁ ନିରୀହ ଗରିବ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି। ଏହି କାରଣରୁ ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଅବାଧ, ମୁକ୍ତ ଓ ନିରପେକ୍ଷ ହେବାର ସମ୍ଭାବନା କ୍ଷୀଣ ହେବା ସହିତ ସ୍ୱପ୍ନରେ ପରିଣତ ହେବାକୁ ଯାଉଛି ବୋଲି ବିଜେପି ଅଭିଯୋଗ କରିଛି।ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ମନମୋହନ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଏ ସଂପର୍କରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି। ଶ୍ରୀ ସାମଲ ସୂଚନା ଦେଇ କହିଛନ୍ତି ଯେ, ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ଜଣେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଯୋଜନାରେ ବାସଗୃହ ପାଇବା ପ୍ରସଙ୍ଗରେ ସ୍ଥାନୀୟ ବିଡିଓଙ୍କ ନିକଟରେ ଦରଖାସ୍ତ କରିବା ସତ୍ତ୍ୱେ ଯେଉଁ ପ୍ରକାର ବ୍ୟବହାର ଓ ଅଣଦେଖା କରାଯାଇ ତାଙ୍କୁ ହଇରାଣ ଓ ହରକତ କରାଗଲା, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସ୍ଥାନୀୟ ବିଡିଓ ଏବଂ ତହସିଲଦାର ବିଭିନ୍ନ ଚଂଚକତା ଓ ଭ୍ରଷ୍ଟାଚାରର ଏକ ପ୍ରମୁଖ ସଦସ୍ୟ ହୋଇଥିବାର ସତ୍ୟାସତ୍ୟ ଅନୁସନ୍ଧାନ ପରେ ଏହା ପ୍ରମାଣିତ ହୋଇଛି। ଭୁଲ ଜିଏସଟି ନମ୍ବର ଥିବା ମିଥ୍ୟା ବିଲ୍ ଜରିଆରେ ଏବଂ ଶାସକ ଦଳର ସ୍ଥାନୀୟ ନେତାଙ୍କ ମିଳିତ ସହଯୋଗରେ ଉଭୟ ବିଡିଓ ଏବଂ ତହସିଲଦାର ମିଳିତ ଭାବେ ବ୍ୟାପକ ପରିମାଣର ଅର୍ଥ ହଡପ୍ କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ ପ୍ରତିନିଧି ଭାବେ ବିଡିଓ ନିଜ କ୍ଷମତାର ଅପବ୍ୟବହାର କରି ଶାସକ ଦଳ ସପକ୍ଷରେ ଅହେତୁକ ଅନୁକଂପା ପ୍ରଦର୍ଶନ କରି ବେନିୟମ କାର୍ଯ୍ୟ କରୁଛନ୍ତି। ସଂରକ୍ଷଣ କ୍ଷେତ୍ରରେ ଶାସକ ବିଜେଡି ପ୍ରତି ଅନୁକଂପା ଦେଖାଇ ଚଚଂକତା କରିଛନ୍ତି। ଭୋଟର ତାଲିକାରୁ ବେନିୟମ ଭାବେ ବହୁ ସଂଖ୍ୟାରେ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଆରଡି ଗ୍ରାମ ପଂଚାୟତର ଆଶାୟୀ ପ୍ରାର୍ଥୀ ଶ୍ରୀମତୀ ସସ୍ମିତା ପାତ୍ରୀ ଓ ସମର ପାତ୍ରୀଙ୍କ ସମେତ ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ଆଶାୟୀ ପ୍ରାର୍ଥୀଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦେଇଛନ୍ତି। ସ୍ଥାନୀୟ ତହସିଲଦାର ନିଜ ଅଂଚଳର ଭୋଟରଙ୍କୁ ଭୟଭୀତ କରାଇ ଶାସକ ଦଳ ସପକ୍ଷରେ ଭୋଟ ଦେବାକୁ ବାଧ୍ୟ କରୁଛନ୍ତି। ଉଭୟ ବିଡିଓ ଓ ତହସିଲଦାରଙ୍କ ବିରୋଧରେ ବହୁ ପ୍ରମାଣକୁ ଆଜି ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ପ୍ରଦାନ କରି ସେମାନଙ୍କ ବିରୁଦ୍ଧରେ ବିହୀତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିନିଧି ଦଳ ଦାବୀ କରିଛି ।ଏହି ପ୍ରତିନିଧି ଦଳରେ ରବି ଶଂକର ପଟ୍ଟନାୟକ, ମହେନ୍ଦ୍ର ପ୍ରଧାନ, ମୁରଲୀ ମନୋହର ପାତ୍ର, ମଦନ ମୋହନ ସ୍ୱାଇଁ, କଲ୍ୟାଣ ଚାଟାର୍ଜୀ ପ୍ରମୁଖ ସାମିଲ ଥିଲେ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

# ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଡ଼ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ୍‌ସ୍ ଏସିଡ୍ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ୍ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଳୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# କାଶି ବିଶାଳକ୍ଷ୍ମୀଙ୍କ ଶକ୍ତିପୀଠ, ବାରଣାସୀ



କାଶୀ ବିଶାଳକ୍ଷ୍ମୀ ମନ୍ଦିର ହିନ୍ଦୁଧର୍ମର ପ୍ରସିଦ୍ଧ ୫୧ଟି ଶକ୍ତିପୀଠ ମଧ୍ୟରେ ଅନ୍ୟତମ। ଏହି ମନ୍ଦିର ଉତରପ୍ରଦେଶର ପ୍ରାଚୀନ ନଗର କାଶୀ (ବାରଣାସୀ)ରେ କାଶୀ ବିଶ୍ୱନାଥ ମନ୍ଦିରରୁ କିଛି ଦୂରରେ ଗଙ୍ଗା ନଦୀ କୂଳ ମୀରଘାଟ (ମଣିକର୍ଣ୍ଣିକା ଘାଟ)ରେ ଅବସ୍ଥିତ। ଶାସ୍ତ୍ର ଅନୁଯାୟୀ ଏହି ଶକ୍ତିପୀଠ ମା'ଦୁର୍ଗାଙ୍କ ଶକ୍ତିର ପ୍ରତୀକ। ହିନ୍ଦୁଶାସ୍ତ୍ର ଅନୁଯାୟୀ ଏଠାରେ ଦେବୀ ସତୀଙ୍କ ଡ଼ାହାଣ କାନର କୁଣ୍ଡଳ ପଡ଼ିଥିଲା।

ବିଶାଳକ୍ଷ୍ମୀ ମନ୍ଦିର ବା ବିଶାଳକ୍ଷ୍ମୀ ଗୌରୀ ମନ୍ଦିର ହିନ୍ଦୁମାନଙ୍କର ପ୍ରସିଦ୍ଧ ମନ୍ଦିରଗୁଡ଼ିକ ମଧ୍ୟରେ ଗୋଟିଏ। ଏହି ମନ୍ଦିର ଦେବୀ ବିଶାଳକ୍ଷ୍ମୀଙ୍କୁ ସମର୍ପିତ। ବିଶାଳକ୍ଷ୍ମୀ ଏକ ସଂସ୍କୃତ ଶବ୍ଦ। ଏହାର ଅର୍ଥ ହେଲା ଯାହାର ବଡ଼ ଆଖି। ବାରଣାସୀର ପୁରାତନ ନାମ କାଶୀ। କାଶୀ ପ୍ରାଚୀନ ଭାରତର ସାଂସ୍କୃତିକ ତଥା ପୁରାତତ୍ୱର ଉତରାଧିକାରୀ। କାଶୀ ବା ବାରଣାସୀ ହିନ୍ଦୁମାନଙ୍କର ପବିତ୍ର ସ୍ଥାନଗୁଡ଼ିକ ମଧ୍ୟରେ ଗୋଟିଏ। ଦେବୀ ପୁରାଣରେ କାଶୀର ବିଶାଳକ୍ଷ୍ମୀ ମନ୍ଦିରର ଉଲ୍ଲେଖ ରହିଛି। ଏହି ମନ୍ଦିରରେ ଶକ୍ତିଙ୍କୁ ଦେବୀ ବିଶାଳକ୍ଷ୍ମୀଙ୍କ ରୂପରେ ପୂଜା କରାଯାଏ ଓ ଭୈରବଙ୍କୁ ସଂରକ୍ଷକ ବା କାଳଭୈରବ ରୂପରେ ପୂଜା କରାଯାଏ।

ଭାରତ ଏକ ପୂଣ୍ୟଭୂମି, ଖାସ ଏହାର ଦେବୀ ଦେବତାଙ୍କୁ ନେଇ। ସୃଷ୍ଟି ଆରମ୍ଭରୁ





ପ୍ରତ୍ୟେକ ସ୍ଥାନର ନିଜସ୍ୱ ସ୍ୱତନ୍ତ୍ରତା ଅଛି, ଯାହା ଅଜଣା, କେବଳ ଇତିହାସର ରୂପାନ୍ତର। ଶକ୍ତିପୀଠ, ଯାହା ଏକ ରହସ୍ୟପୂର୍ଣ୍ଣ ଗାଥା, ପ୍ରାୟତଃ ଜନମାନସରେ ଅଗୋଚର ହୋଇ ରହିଛି। ହିନ୍ଦୁଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସଂରଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହାପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସିପ୍ରକାର ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ (ଆନ୍ଧ୍ର ପ୍ରଦେଶର ମୁରାମଲ୍ଲା)ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମରଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହେଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବଦେବୀମାନେ ଏହାର ସମାଧାନ ବା ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ, ଯେପର୍ଯ୍ୟନ୍ତ ଶିବଙ୍କ ହସ୍ତରୁ ସତୀଙ୍କ ମରଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସମୁଖରୁ ବର୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷାପାଇଁ ସଙ୍ଗେ ସଙ୍ଗେ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡବିଖଣ୍ଡିତ କରି ଆତ୍ମାରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ



ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ। ଏହି ସ୍ଥାନଗୁଡ଼ିକ ଅତି ପବିତ୍ର ତୀର୍ଥସ୍ଥଳ ଭାବେ ବିଖ୍ୟାତ।



ସେହି ପୀଠମାନଙ୍କ ମଧ୍ୟରେ କାଶୀ ବିଶାଳକ୍ଷ୍ମୀ ଶକ୍ତିପୀଠ ଅନ୍ୟତମ। ଏଠାରେ ଦେବୀଙ୍କ ଡ଼ାହାଣ କାନର କୁଣ୍ଡଳ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନକୁ ମଧ୍ୟ "ମଣିକର୍ଣ୍ଣିକା ଘାଟ" କୁହାଯାଏ।

ଅନ୍ୟ ଏକ କଥାରୁ ଜଣାଯାଏ ଯେ, ମାତା ଅନ୍ନପୂର୍ଣ୍ଣା, ଯାହାଙ୍କ ଆଶୀର୍ବାଦରୁ ସଂସାରର ସମସ୍ତ ଜୀବ ଖାଦ୍ୟ ପାଆନ୍ତି, ସେ ହିଁ "ମା' ବିଶାଳକ୍ଷ୍ମୀ"! ସ୍କନ୍ଦ ପୁରାଣର କଥା ଅନୁସାରେ ଯେତେବେଳେ ଋଷି ବ୍ୟାସଙ୍କୁ ବାରଣାସୀରେ କେହି ବି ଖାଦ୍ୟ ଦେଉ ନ ଥିଲେ, ସେତେବେଳେ ସ୍ୱୟଂ ବିଶାଳକ୍ଷ୍ମୀ ଜଣେ ଗୃହିଣୀ ରୂପରେ ଆସି ଋଷି ବ୍ୟାସଙ୍କୁ ଖାଦ୍ୟ ଦେଇଥିଲେ। ମାତା ବିଶାଳକ୍ଷ୍ମୀଙ୍କ ଭୂମିକା ଏକଦମ୍ ମା' ଅନ୍ନପୂର୍ଣ୍ଣାଙ୍କ ଭଳି ଅବିକଳ ଥିଲା।

ମାତା ବିଶାଳକ୍ଷ୍ମୀଙ୍କ ମନ୍ଦିରରେ ସମସ୍ତ ପର୍ବପର୍ବାଣୀ ପାଳନ ହୋଇଥାଏ। ବିଶେଷତଃ ଦୁର୍ଗାପୂଜା ଓ ନବରାତ୍ର ପର୍ବ ଅବସରରେ ସ୍ୱତନ୍ତ୍ର ପୂଜାର ଆୟୋଜନ ହୋଇଥାଏ। ଏହିଦିନ ମନ୍ଦିରକୁ ଫୁଲ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନ ଓ ହୃଦୟକୁ ଅପାର ଶାନ୍ତି ପ୍ରଦାନ କରିଥାଏ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

# ଓଡ଼ିଶା ଦୁର୍ନୀତି ସଂଘର୍ଷ ମଂଚର ସ୍ମରଣିକା "ସଂଘର୍ଷ, ୨୦୨୧-୨୨" ଉନ୍ମୋଚିତ

ଭୁବନେଶ୍ୱର (ପିଏନ୍): ଗତ ତା୧୬.୦୧.୨୨ରିଖ ଅପରାହ୍ନରେ ଭୁବନେଶ୍ୱରସ୍ଥ ଲୋହିଆ ଆକାଡେମିଠାରେ ଓଡିଶା ଦୁର୍ନୀତି ସଂଘର୍ଷ ମଂଚ ତରଫରୁ "ଶିକ୍ଷା ପଦ୍ଧତିରେ ନୈତିକ ଶିକ୍ଷା ପ୍ରଚଳନ ଉପରେ ଏକ ଆଲୋଚନାଚକ୍ର" ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ମଂଚର ୧୦ମ ବାର୍ଷିକ ସ୍ମରଣିକା "ସଂଘର୍ଷ, ୨୦୨୧-୨୨" ମଧ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଓଡିଶାର ପୂର୍ବତନ ମନ୍ତ୍ରୀ ତଥା ରାଜନେତା ଶ୍ରୀଯୁକ୍ତ ପଂଚାନନ କାନୁନଗୋ ଓ ସୁପ୍ରସିଦ୍ଧ କବି, ସାହିତ୍ୟକାର ତଥା ଅନୁବାଦକ ଶ୍ରୀଯୁକ୍ତ ହରପ୍ରସାଦ ଦାସ ଯୋଗ ଦେଇଥିଲେ। ମଂଚର ବରିଷ୍ଠ ସଭ୍ୟ, ତଥା ଉପଦେଷ୍ଟା ସୁଧିର ଚରଣ ମହାନ୍ତି ସଭାପତିତ୍ୱ କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ଓ ବେଦପାଠ ପରେ ଉପସ୍ଥିତ ଅତିଥିମାନେ ମଂଚର ସ୍ମରଣିକା "ସଂଘର୍ଷ, ୨୦୨୧-୨୨"କୁ ଉପସ୍ଥିତ ଜନତାଙ୍କ କରତାଳି ଧ୍ୱନି ସହ ଉନ୍ମୋଚନ କରିଥିଲେ। ମଂଚର ରାଜ୍ୟ ସାଧାରଣ ସଂପାଦକ ଡ. ଜଗବଂଧୁ ଷଡଙ୍ଗୀ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ କୋଭିଡ ଗାଇଡ ଲାଇନ୍ ଅନୁସାରେ ସଭାକୁ ୫୦ ଜଣଙ୍କ ମଧ୍ୟରେ ସୀମିତ ରଖାଯାଇଥିବା କଥା ଉଲ୍ଲେଖ କରିଥିଲେ ଓ ସ୍ମରଣିକା ସଂଘର୍ଷ ୨୦୨୧-୨୨ରେ ସାଧାରଣ ଲୋକଙ୍କ ପାଇଁ ଅନେକ ଉପାଦେୟ ତଥ୍ୟସହ ଅନେକ ପ୍ରତିଷ୍ଠିତ ଲେଖକଙ୍କ ଲେଖା ପ୍ରକାଶିତ ହୋଇଥିବାର କହିଥିଲେ। ସେ ମଧ ପ୍ରକାଶ କରିଥିଲେ ଯେ, ପ୍ରାୟ ଗତ ୬ ବର୍ଷ ଧରି ମଂଚ ତରଫରୁ ନୈତିକ ଶିକ୍ଷାକୁ ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ ଜଣାଇ ଆସୁଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ପ୍ରଥମେ କଲେଜ ଓ ପୋଷ୍ଟ ଗ୍ରାଜୁଏଟ୍ ସ୍ତରରେ ନୈତିକ ଶିକ୍ଷା ପ୍ରଚଳନ କରିବାକୁ ନିଷ୍ପତି ନେଇଥିବାରୁ ରାଜ୍ୟ ସରକାର ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ ଅରୁଣ ସାହୁଙ୍କୁ ମଂଚ ତରଫରୁ ଧନ୍ୟବାଦ ଜଣାଇଥିଲେ। ଏହାସହିତ ରାଜ୍ୟ ସରକାର ପ୍ରାଥମିକ ଓ ମାଧମିକ ଶିକ୍ଷା ସ୍ତରରେ ମଧ ନୈତିକ ଶିକ୍ଷାଦାନ ପ୍ରଚଳନ କରିବା ପାଇଁ ରାଜ୍ୟ ସରକାର ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ ଜଣାଇଥିଲେ। ନୈତିକ ଶିକ୍ଷାକୁ ସବୁ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳନ କରିବା ପାଇଁ ଆଲୋଚନାଚକ୍ରର ଶୁଭାରମ୍ଭ କରି ବିଶିଷ୍ଟ ଅତିଥି ପଂଚାନନ କାନୁନଗୋ ଶିଶୁ ସାହିତ୍ୟ ରାମକୃଷ୍ଣ ନନ୍ଦଙ୍କ ଲେଖା, ଚଣକ୍ୟ ଅର୍ଥନୀତି ଇତ୍ୟାଦିର ବ୍ୟାଖ୍ୟା କରି ଆମ ଶିକ୍ଷା ପଦ୍ଧତିରେ ଏହାର ପ୍ରଚଳନ ପାଇଁ ବଳିଷ୍ଠ ଯୁକ୍ତି ରଖିଥିଲେ। ସେ କହିଥିଲେ ଯେ ସରକାର କିଛି ଜ୍ଞାନୀ ଗୁଣୀ ଲୋକଙ୍କୁ ନେଇ ଏ ବିଷୟରେ ଆଲୋଚନା କରି କୋର୍ସ ମ୍ୟାଟେରିଆଲ ତିଆରି କରିବା ଆବଶ୍ୟକ। ସମ୍ମାନିତ ଅତିଥି ହରପ୍ରସାଦ ଦାସ ମଧ ନୈତିକ ଶିକ୍ଷାକୁ ପ୍ରାଥମିକ ସ୍ତରରୁ ପ୍ରଚଳନ ପାଇଁ ଯୁକ୍ତି ଉପସ୍ଥାପନ କରିଥିଲେ। ବର୍ତମାନ ମୋବାଇଲ ବ୍ୟବହାର କରି ଛୋଟ ଛୋଟ ପିଲାମାନେ ପଥ ହୁଡୁଛନ୍ତି ଓ ଲୋକଚରିତ୍ରର ଅବନ୍ନତି ହେଉଛି। ଶିକ୍ଷା ବ୍ୟବସ୍ଥାରେ ପରିବର୍ତନ ତଥା ନୈତିକ ଶିକ୍ଷା ପ୍ରବର୍ତନ ପାଇଁ ସିଲାବସ୍ ତିଆରି ପାଇଁ ଏକ Permanent coriculum commission ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ ଓ ସମାଜର ବିଜ୍ଞଲୋକମାନଙ୍କର ଅନୁଭୂତିକୁ ନେଇ ପାଠ୍ୟଖସଡା ପ୍ରସ୍ତୁତ କରିବାକୁ କହିଥିଲେ। ପରିଶେଷରେ "ଆଲୋଚନା ଚକ୍ର" ଉପରେ ଶ୍ରୋତାମାନଙ୍କର ଉପାଦେୟ ପ୍ରସ୍ତାବମାନ ନିଆଯାଇଥିଲା। ସଭାପତିତ୍ୱ କରୁଥିବା ଶ୍ରୀଯୁକ୍ତ ସୁଧୀର ଚରଣ ମହାନ୍ତି, ଉପାଦେୟ ଆଲୋଚନା ହୋଇଥିବା ଯୋଗୁଁ ଓ ସ୍ମରଣିକା "ସଂଘର୍ଷ" ଉନ୍ମୋଚନ ନେଇ ଖୁସି ବ୍ୟକ୍ତ କରିବା ସହ ସମ୍ମାନିତ ଅତିଥି ଓ ଉପସ୍ଥିତ ଜନତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ମଂଚର ସାଧାରଣ ସଭା ଅନୁଷ୍ଠିତ କରାଯାଇ ଆସନ୍ତା ତିନିବର୍ଷ ପାଇଁ ନୂତନ କାର୍ଯ୍ୟକର୍ତା ନିର୍ବାଚନ କରାଯାଇଥିଲା। ମଂଚ ତରଫରୁ ସାମାଜିକ କାର୍ଯ୍ୟ ରିଲିଫ୍ ବଂଟନ, ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟପାଇଁ ଉପାସନା ରାଓ, ବନଜାବାସିନୀ ତ୍ରିପାଠୀ, ସୌଦାମିନୀ ପଣ୍ଡା, ଅମିର ସାହୁ, ଡକ୍ଟର ବିଶ୍ୱରଞ୍ଜନ ରଥ ଓ ମଂଚର ଅନ୍ୟ ଶାଖାମାନଙ୍କୁ ପ୍ରଶଂସାପତ୍ର ଅର୍ପଣ କରାଯାଇଥିଲା।

## ଜଙ୍ଘିରା ଆଶ୍ରମ ବିଦ୍ୟାଳୟରେ ସାନିଟାଇଜର କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍):କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜଙ୍ଘିରା ଆଶ୍ରମ ବିଦ୍ୟାଳୟରେ ସାନିଟାଇଜର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଂଜନ ପାତ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସହକର୍ମୀଙ୍କୁ ନେଇ ସର୍ବପ୍ରଥମେ ଆବାସିକ କକ୍ଷରୁ ବିଶୋଧନ କାର୍ଯ୍ୟ ଆରମ୍ଭ କରିଥିଲେ। ଶ୍ରେଣୀଗୃହ, ବିଦ୍ୟାଳୟର ଚତୁଃପାର୍ଶ୍ୱ, ଭୋଜନ କକ୍ଷ ଇତ୍ୟାଦି ବିଶୋଧନ କରିବାର ଯୋଜନା ରହିଛି।। ପ୍ରତ୍ୟେକ ସପ୍ତାହର ରବିବାର ଦିନ ଆବାସିକ ଗୃହଗୁଡିକୁ ବିଶୋଧନ କରାଯିବ ବୋଲି ପ୍ରଧାନଶିକ୍ଷକ ଶ୍ରୀ ପାତ୍ର କହିଥିଲେ। ପ୍ରଧାନଶିକ୍ଷକଙ୍କ ଏହିଭଳି ପଦକ୍ଷେପକୁ ଅଭିଭାବକ ଏବଂ ଅଂଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି।

## ତହସିଲ ପକ୍ଷରୁ ୩ ଟ୍ରାକ୍ଟର ଜବତ

ଆନନ୍ଦପୁର (ପିଏନ୍):ଆନନ୍ଦପୁର ତହସିଲ ପକ୍ଷରୁ ଚଢାଉ କରି ପୃଥକ ପୃଥକ ସ୍ଥାନରୁ ବେଆଇନ୍ ଭାବେ ପଦ୍ମପୁର, ଧକୋଠା ଏବଂ ଶାଳବଣି ବାଲିଗାଟରୁ ବାଲି ଉଠାଉ ଥିବା ବଳେ ୩ଟି ଟ୍ରାକ୍ଟକୁ ଜବତ କରାଯିବା ସହ ରୟାଲଟି ବାବଦରେ ୨ଟି ଟ୍ରାକ୍ଟରରୁ ୩୦ହଜାର ଟଙ୍କା ଆଦାୟ କରାଯାଇଛି ଏବଂ ଅନ୍ୟ ଗୋଟିଏ ଟ୍ରାକ୍ଟରକୁ ଆନନ୍ଦପୁର ଥାନାକୁ ହସ୍ତାନ୍ତର କରିଥିବା ତହସିଲ ପକ୍ଷରୁ ସୂଚନା ଦିଆଯାଇଛି।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଥମ ଦିନରେ ୮୧୦ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ



କେନ୍ଦ୍ରାପଡା (ପିଏନ୍): ପାଞ୍ଚୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆଜି ପ୍ରାର୍ଥୀପତ୍ର ଦାଖଲର ପ୍ରଥମ ଦିନରେ କେନ୍ଦ୍ରାପଡା ଜିଲ୍ଲାର ୮୧୦ଜଣ ପ୍ରାର୍ଥୀ ୱାର୍ଡସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ପଦ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି। ଜିଲ୍ଲର ୬୮୪ଜଣ ୱାର୍ଡସଭ୍ୟ, ୮୩ଜଣ ସରପଞ୍ଚ, ୩୯ଜଣ ସମିତି ସଭ୍ୟ ଓ ୪ଜଣ ଜିଲ୍ଲା ପରିଷଦ ସଭ୍ୟ ପଦ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ମାର୍ଶାଘାଇ ବ୍ଲକରେ ୧୨୧ୱାର୍ଡସଭ୍ୟ, ୧୨ ସରପଞ୍ଚ, ୧୧ ସମିତିସଭ୍ୟ ପଦ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ କେନ୍ଦ୍ରାପଡା ବ୍ଲକରେ ୯୧ଜଣ ୱାର୍ଡସଭ୍ୟ, ୫ଜଣ ସରପଞ୍ଚ ଓ ୪ଜଣ ସମତିସଭ୍ୟ, ରାଜନଗର ବ୍ଲକରେ ୨୮ଜଣ ୱାର୍ଡସଭ୍ୟ, ୫ଜଣ ସରପଞ୍ଚ ଓ ୧୦ଜଣ ସମିତି ସଭ୍ୟ, ମହାକାଳପଡା ବ୍ଲକରେ ୮୨ଜଣ ୱାର୍ଡସଭ୍ୟ, ୭ଜଣ ସରପଞ୍ଚ ଓ ୩ଜଣ ସମିତିସଭ୍ୟ, ଆଳି ବ୍ଲକରେ ୭୦ଜଣ ୱାର୍ଡସଭ୍ୟ, ୧୯ଜଣ ସରପଞ୍ଚ, ୨ଜଣ ସମିତିସଭ୍ୟ, ରାଜକନିକା ବ୍ଲକରେ ୭୨ଜଣ ୱାର୍ଡସଭ୍ୟ, ୭ଜଣ ସରପଞ୍ଚ, ୪ଜଣ ସମିତିସଭ୍ୟ, ପଟ୍ଟାମୁଣ୍ଡାଇ ବ୍ଲକରେ ୯୩ଜଣ ୱାର୍ଡସଭ୍ୟ, ୧୬ଜଣ ସରପଞ୍ଚ, ୨ଜଣ ସମିତିସଭ୍ୟ, ଗରଦପୁର ବ୍ଲକରେ ୪୯ଜଣ ୱାର୍ଡସଭ୍ୟ, ୯ଜଣ ସରପଞ୍ଚ, ଜଣେ ସମିତିସଭ୍ୟ ଏବଂ ଡେରାବିଶ ବ୍ଲକରେ ୭୮ଜଣ ୱାର୍ଡସଭ୍ୟ, ୩ଜଣ ସରପଞ୍ଚ ଓ ୨ଜଣ ସମିତି ସଭ୍ୟ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କେନ୍ଦ୍ରାପଡା ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ନିରଞ୍ଜନ ବେହେରାଙ୍କ ନିକଟରେ ୪ଟି ଜିଲ୍ଲା ପରିଷଦ ସଭ୍ୟ ନିମନ୍ତେ ଦାଖଲ ହୋଇଥିବା ପ୍ରାର୍ଥୀପତ୍ର ମଧ୍ୟରୁ ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜିଲ୍ଲା ପରିଷଦ ଜୋନ ନଂ.୧ରୁ ଭାରତୀୟ ଜାତୀୟ କଂଗ୍ରେସ ଦଳର ଝରଣା ମଲିକ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଆଳିର ଜୋନ ନଂ-୨ରୁ ବିଜୁ ଜନତା ଦଳର ପ୍ରାର୍ଥୀ ଭିଷ୍ମ ମହାନ୍ତି ଓ ଆଳିର ଜୋନ ନଂ- ୪ରୁ ଭାରତୀୟ ଜାତୀୟ କଂଗ୍ରେସ ଦଳର ମାନଗୋବିନ୍ଦ ଦାସ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜିଲ୍ଲା ପରିଷଦ ଜୋନ ନଂ-୩୧ରୁ ଭାରତୀୟ ଜାତୀୟ କଂଗ୍ରେସ ଦଳର ସନ୍ତୋଷ କୁମାର ମହାନ୍ତି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କଂଗ୍ରେସ ଦଳର ପ୍ରାର୍ଥୀମାନଙ୍କୁ ପ୍ରାର୍ଥୀପତ୍ର ଦାଖଲରେ ସହାୟତା କରିବା ପାଇଁ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଓ ଜିଲ୍ଲା କଂଗ୍ରେସର ଉପସଭାପତି ପ୍ରଫୁଲ୍ଲ କୁମାର ଦାସ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ଥିଲେ। ଆଳି ଜିଲ୍ଲା ପରିଷଦ ଜୋନ ନଂ- ୨ରେ ବିଜେଡିରୁ ପ୍ରାର୍ଥୀପତ୍ର ଦାଖଲ କରିଥିବା ଶ୍ରୀ ମହାନ୍ତିଙ୍କ ସହିତ ଦୀନବନ୍ଧୁ ନାୟକ, ହେମନ୍ତ କୁମାର ମହାନ୍ତି, ହିରଣ୍ୟ କୁମାର ପଣ୍ଡା, ଅଜିତ କୁମାର ନାୟକ, ପ୍ରଫୁଲ୍ଲ ନାୟକ, ସବ୍ୟସାଚି ବିଶ୍ୱାଳ, ବିପିନ ବିହାରି ସିଂ, ଅସିତ କୁମାର ସାହୁ, ଆଲୋକ ନାୟକ, ବିଜୟ ମଣ୍ଡଳ ପ୍ରମୁଖ ଆସିଥିଲେ।

# ପଞ୍ଚାୟତ ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ଆସନ୍ତା ମାସରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ସେହି ଅନୁଯାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭା ଗୃହରେ ଏକ ସର୍ବଦଳୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ଗାଇଡଲାଇନ ଅନୁଯାଇ ଆଦର୍ଶ ଆଚରଣ ବିଧି ପାଳନ ପୂର୍ବକ ଅବାଧ ଓ ନିରପେକ୍ଷ ପଞ୍ଚାୟତ ନିର୍ବାଚନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରିଛନ୍ତି । ବୈଠକରେ ପ୍ରାର୍ଥୀଙ୍କ ସମେତ ୫ଜଣ ଘର ଘର ବୁଲି ନିର୍ବାଚନ ପ୍ରଚାର କରିବା, ପ୍ରାର୍ଥୀପତ୍ର ଦାଖଲ ବେଳେ ପ୍ରାର୍ଥୀ, ସମର୍ଥକ କିମ୍ବା ପ୍ରସ୍ତାବକ ଉପସ୍ଥିତ ରହିବା, ସେହିଭଳି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଓ ୱାର୍ଡମେମ୍ବର ପ୍ରାର୍ଥୀ, ବ୍ଲକ କାର୍ଯ୍ୟାଳୟରେ ସମିତିସଭ୍ୟ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ସୂଚନା ଦିଆଯାଇଥିଲା । ସେହିଭଳି ୩୨ଟି ଜିଲ୍ଲା ପରିଷଦ ଜୋନର ପ୍ରାର୍ଥୀମାନେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିବେ । ଚଳିତ ବର୍ଷ ପ୍ରଥମଥର ପାଇଁ ଡିଜିଟାଲ ପ୍ଲାଟଫର୍ମରେ ନିର୍ବାଚନ ପ୍ରଚାର କରାଯିବାକୁ ସ୍ଥିର ହୋଇଥିବାରୁ କେବଳ ଜିଲ୍ଲା ପରିଷଦ ପ୍ରାର୍ଥୀମାନେ ପ୍ରଚାର ସମୟରେ ଦଳୀୟ ନେତାଙ୍କ ଫଟୋ ବ୍ୟବହାର କରିପାରିବେ । କିନ୍ତୁ ସରପଂଚ, ସମିତି ସଭ୍ୟ ଓ ୱାର୍ଡସଭ୍ୟମାନେ ନିର୍ଦ୍ଦଳୀୟ ଭାବେ ନିର୍ବାଚନ ଲଢୁଥିବାରୁ ସେମାନେ କୌଣସି ରାଜନୈତିକ ଦଳର ନେତାଙ୍କ ଫଟୋ ବ୍ୟବହାର କରିପାରିବେ ନାହିଁ ବୋଲି ସୂଚନା ଦିଆଯାଇଥିଲା । ମତଦାନ ପରେ ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ଭୋଟବାକ୍ସକୁ ରଖାଯାଇ ଏକାଥରକେ ଭୋଟ ଗଣନା କରାଯିବାକୁ ଚଳିତ ବର୍ଷ ପ୍ରଥମ କରି ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଥିବାବେଳେ ଭୋଟବାକ୍ସ ଗୁଡିକୁ ସିସିଟିଭି ସର୍ଭେଲାନ୍ସରେ ରଖାଯିବାକୁ ବିଭିନ୍ନ ରାଜନୈତିକ ଦଳ ଗୁଡିକର ନେତାମାନେ ଦାବି କରିଥିଲେ । ଏହି ସର୍ବଦଳୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ବିଜୁ ଜନତାଦଳର ପ୍ରତିନିଧି ଦେବଦାସ ମହାନ୍ତି ଓ ରାଜେଶ ଦାସ, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ସିପିଆଇ ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ,ବିଜେପିର ଅଭିମନ୍ୟୁ ଗୋଛାୟତଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଦରଡିପାଳ ଗ୍ରାମ ପଂଚାୟତରେ ଶ୍ରୀମତୀ ଗୀତାଂଜଳୀ ନାୟକଙ୍କୁ ବିଜେଡିର ସରପଞ୍ଚ ପ୍ରାର୍ଥୀନୀ ରୂପେ ଚୟନ କରାଗଲା

ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକର ଦରଡିପାଳ ଗ୍ରାମ ପଂଚାୟତରେ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ବିଜୁ ଜନତା ଦଳର ସରପଂଚ ପ୍ରାର୍ଥିନୀ ଭାବେ ଗୀତାଂଜଳି ନାୟକଙ୍କୁ କେନ୍ଦୁଝର ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ପାତ୍ର (ଟୁଟୁ ଭାଇ), ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଅକ୍ଷୟ କୁମାର ସାହୁ, ଘଷିପୁରା ବ୍ଲକ ବିଜେଡି ସଭାପତି ମନ୍ମଥ ରାଉତ, ତରୁଆ ପଂଚାୟତ ସରପଂଚ ବଳରାମ ବେହେରା, ମଦନପୁର ପଂଚାୟତର ପୂର୍ବତନ ସରପଂଚ ପରେଶ କୁଅଁର, ବଳରାମପୁର ପଂଚାୟତ ସରପଂଚ ଅକ୍ଷୀ ବିଶ୍ୱାଳ ଏବଂ କେନ୍ଦୁଝର ଜିଲ୍ଲା ବିଜେଡି ଯୁବ ସାଧାରଣ ସମ୍ପାଦକ ରାଜେନ୍ଦ୍ର ରାଉତଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି ।

## କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତିର ସମ୍ପ୍ରସାରଣ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ପ୍ରଚାର ପ୍ରସାର ସମିତି ତରଫରୁ ୨୦୨୨ ଅବସରରେ ସମଗ୍ର ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ସହରଠାରୁ ପଲ୍ଲୀ ପର୍ଯ୍ୟନ୍ତ ସର୍ବତ୍ର ଭାଗବତ ପ୍ରଚାର ପ୍ରସାରକୁ ତ୍ୱରାନ୍ୱିତ କରିବା ନିମିତ୍ତ ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ ପ୍ରତ୍ୟେକ ବ୍ଲକ ତଥା ମ୍ୟୁନିସିପାଲିଟି ପାଇଁ ଭାଗବତପ୍ରେମୀ ସଜ୍ଜନମାନଙ୍କୁ ସଭାପତି ରୂପେ ମନୋନିତ କରି ନାମ ଘୋଷଣା କରାଯାଇଛି । ସେମାନଙ୍କୁ ବ୍ଲକ ତଥା ମ୍ୟୁନିସିପାଲିଟି ଭାଗବତ ପ୍ରଚାର ପ୍ରସାର ସମିତି କାର୍ଯ୍ୟକାରୀ କମିଟି ଗଠନ କରି ପ୍ରତ୍ୟେକ ଗ୍ରାମରେ ଭାଗବତ ଟୁଙ୍ଗୀ ସ୍ଥାପନ ପୂର୍ବକ ଭାଗବତ ପ୍ରଚାର ପ୍ରସାର ଦିଗରେ ଉଦ୍ୟମ କରିବା ପାଇଁ ଦାୟିତ୍ୱ ଅର୍ପଣ କରାଯାଇଛି। ଝୁମ୍ପୁରା ବ୍ଲକର ନେତ୍ରାନନ୍ଦ ମହାରଣା,ଚମ୍ପୁଆ ବ୍ଲକର ରମାକାଂ ପ୍ରଧାନ, ଚମ୍ପୁଆ ମୁନିସିପାଲଟିର ସନ୍ତୋଷ କୁମାର ସାହୁ, ଯୋଡା ବ୍ଲକର ହଳଧର ମହାକୁଡ, ବାଂଶପାଳ ବ୍ଲକର ହରେକୃଷ୍ଣ ପଲେଇ, ତେଲକୋଇ ବ୍ଲକର ଅରକ୍ଷିତ ପ୍ରଧାନ, ହରିଚନ୍ଦନପୁର ବ୍ଲକର ପଦାମ୍ବୁଜ ସାହୁ, ଘଷିପୁରା ବ୍ଲକର ନୃସିଂହ ଦାସ, ହାଟଡିହି ବ୍ଲକର ଗୋପାଳ ଚନ୍ଦ୍ର ରାଉତ, ଆନନ୍ଦପୁର ବ୍ଲକର ଅଯୋଧ୍ୟା ଘଡେଇ, ଆନନ୍ଦପୁର ମ୍ୟୁନିସିପାଲଟିର ଉମାକାନ୍ତ ନାୟକ, ଘଟଗାଁ ବ୍ଲକର ଜୟଦେବ ପଣ୍ଡା, ପାଟଣା ବ୍ଲକର ସହଦେବ ମହାନ୍ତ, ସାହାରପଡା ବ୍ଲକର ମହେଶ୍ୱର ପୃଷ୍ଟି ଏବଂ ସଦର ବ୍ଲକର ପ୍ରସନ୍ନ କୁମାର ଦାସଙ୍କୁ ସଭାପତି ରୂପେ ମନୋନିତ କରାଯାଇଛି। କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସମ୍ପାଦକ ପ୍ରାଧ୍ୟାପକ ଜଗନ୍ନାଥ ଜେନାଙ୍କ ମୋବାଇଲ୍ ନଂ. (୯୪୩୭୫୫୭୩୨୭)ରେ ଯୋଗାଯୋଗ କରି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ସେମାନଙ୍କୁ ବିନମ୍ର ନିବେଦନ କରାଯାଇଛି ।




# ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପ୍ରସ୍ତୁତି

ବାଲେଶ୍ୱର (ପିଏନ୍)- ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ-୨୦୨୨ ପାଇଁ ତାରିଖ ଘୋଷଣା ହେବା ସହିତ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି । ଏହି ପରିପ୍ରେକ୍ଷୀରେ ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ ପଂଚାୟତ ନିର୍ବାଚନର ବିଭିନ୍ନ ପର୍ଯ୍ୟାୟ ଓ ପ୍ରକ୍ରିୟା, ଆଦର୍ଶ ଆଚରଣ ବିଧି, କୋଭିଡ୍-୧୯ ମାର୍ଗଦର୍ଶିକା ଇତ୍ୟାଦି ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯିବା ସହିତ ନିର୍ବାଚନ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି । ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ରବିଚନ୍ଦ୍ର କହଁର ପ୍ରମୁଖ ଉପସ୍ଥିତ ରହି ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରିଥିଲେ । ବିଶେଷ କରି ପଂଚାୟତ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ, ପ୍ରତ୍ୟାହାର, ନିର୍ବାଚନ ପ୍ରଚାର, ଆଦର୍ଶ ଆଚରଣ ବିଧି, କୋଭିଡ୍ କଟକଣା, ଭୋଟ୍ ଗ୍ରହଣ, ଭୋଟ୍ ଗଣତି, କଂଟ୍ରୋଲ୍ ରୁମ୍ ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ୫ଟି ପର୍ଯ୍ୟାୟରେ ଏହି ନିର୍ବାଚନ ଆସନ୍ତା ଫେବୃୟାରୀ ୧୬ ତାରିଖରୁ ୨୪ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଜାନୁଆରୀ ୧୭ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ୨୨ ତାରିଖରେ ପ୍ରାର୍ଥିପତ୍ର ଯାଂଚ ଏବଂ ୨୩ତାରିଖରୁ ୨୫ତାରିଖ ଅପରାହ୍ନ ୩ଘଟିକା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ପ୍ରତ୍ୟାହାର କରିହେବ । ସେହି ୨୫ତାରିଖ ସନ୍ଧ୍ୟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୱାର୍ଡମେମ୍ବର ଓ ସରପଂଚ ପ୍ରାର୍ଥୀ ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ସମିତି ସଭ୍ୟ ପ୍ରାର୍ଥୀ ବ୍ଲକ କାର୍ଯ୍ୟାଳୟ ଏବଂ ଜିଲ୍ଲା ପରିଷଦ ପ୍ରାର୍ଥୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିପାରିବେ । ଭୋଟ୍ ଗ୍ରହଣ ଫେବୃୟାରୀ ୧୬ତାରଖରୁ ୨୪ତାରିଖ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ସକାଳ ୭ଘଟିକାରୁ ଦିନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଫେବୃୟାରୀ ୧୬ତାରିଖରେ ଭୋଗରାଇ ଓ ଜଳେଶ୍ୱର ବ୍ଲକ, ଫେବୃୟାରୀ ୧୮ରେ ବସ୍ତା ଓ ବାଲିଆପାଳ ବ୍ଲକ୍, ଫେବୃୟାରୀ ୨୦ରେ ଖଇରା, ସୋର ଓ ସିମୁଳିଆ ବ୍ଲକ, ଫେବୃୟାରୀ ୨୨ତାରିଖରେ ବାହାନଗା, ଊପଦା ଓ ନୀଳଗିରି ବ୍ଲକ ଏବଂ ଫେବୃୟାରୀ ୨୪ତାରିଖରେ ରେମୁଣା ଓ ବାଲେଶ୍ୱର ସଦର ବ୍ଲକରେ ନିର୍ବାଚନ ଅନୁଷ୍ଠିତ ହେବ । ରାଜନୈତିକ ଦଳମାନେ ସେମାନଙ୍କର ପୋଲିଂ ଏଜେଂଟ ଏବଂ କାଉଂଟିଂ ଏଜେଂଟମାନଙ୍କୁ ନିର୍ବାଚନ ଆଚରଣ ବିଧି, କୋଭିଡ୍ କଟକଣା ଏବଂ ଅନ୍ୟାନ୍ୟ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଆବଶ୍ୟକୀୟ ପ୍ରଶିକ୍ଷଣ ଦେବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ପରାମର୍ଶ ଦେଇଛନ୍ତି । କୋଭିଡ୍ କଟକଣାକୁ କଡାକଡି ପାଳନ କରାଯାଇ ନିର୍ବାଚନ କରାଯିବ । ପଂଚାୟତ ନିର୍ବାଚନରେ ସମସ୍ତ ପ୍ରକାର ସଭାସମିତି, ମୋଟର ସାଇକେଲ ରାଲି, ପଥପ୍ରାନ୍ତ ସଭା ଆଦି ଉପରେ କଟକଣା ଜାରି କରାଯାଇଥିବା ବେଳେ, ପ୍ରାର୍ଥୀମାନେ ସର୍ବାଧିକ ୫ଜଣଙ୍କୁ ଧରି ଘରକୁ ଘର ବୁଲି ପ୍ରଚାର କରିପାରିବେ । ଡାକବାଜି ଯନ୍ତ୍ର/ଲାଉଡସ୍ପିକର ବ୍ୟବହାର ପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ଅନୁମତି ଆଣିବାକୁ ପଡିବ । ତେବେ ରାତି ୮ଘଟିକାଠାରୁ ସକାଳ ୭ଘଟିକା ପର୍ଯ୍ୟନ୍ତ ଏବଂ ଭୋଟଗ୍ରହଣର ୩୬ ଘଂଟା ପୂର୍ବରୁ ଏହାର ବ୍ୟବହାର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବ । ନାମାଙ୍କନପତ୍ର ଦାଖଲ ପାଇଁ ପ୍ରାର୍ଥୀଙ୍କୁ କେବଳ ଗୋଟିଏ ଗାଡି ବ୍ୟବହାର କରିବାକୁ ଅନୁମତି ଦିଆଯିବ । ଦୁଇଟି ଟିକା ନେଇଥିବା ଏବଂ କୋଭିଡ୍ ନେଗେଟିଭ୍ ଥିବା ପୋଲିଂ ଏଜେଂଟ/ବ୍ୟକ୍ତିଙ୍କୁ ହିଁ ଭୋଟଗଣତି କେନ୍ଦ୍ରରେ ପ୍ରବେଶ ପାଇଁ ଅନୁମତି ମିଳିବ । ଭୋଟ୍‌ଗ୍ରହଣ କେନ୍ଦ୍ରକୁ ସାନିଟାଇଜ୍ କରାଯିବା ସହିତ ସେଠାରେ ସାବୁନ, ପାଣି, ସାନିଟାଇଜର ବ୍ୟବସ୍ଥା କରାଯିବ । ଭୋଟରମାନେ ମାସ୍କ ପିନ୍ଧିବା ସହ ଯେଭଳି ସାମାଜିକ ଦୂରତା ବଜାୟ ରଖିବେ ତାହାକୁ କେନ୍ଦ୍ରରେ ନିୟୋଜିତ ଅଧିକାରୀ ସୁନିଶ୍ଚିତ କରିବେ । ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଭୋଟଦାନ କକ୍ଷରେ ଅତି ଅଳ୍ପ ସମୟ ପାଇଁ ସେମାନଙ୍କୁ ମାସ୍କ କାଢିବାକୁ ଏବଂ ଚିହ୍ନଟ ପରେ ତୁରନ୍ତ ପିନ୍ଧିବାକୁ କୁହାଯିବ । କ୍ୱାରାଂଟାଇନରେ ଥିବା କୋଭିଡ୍ ଆକ୍ରାନ୍ତଙ୍କୁ ଭୋଟଗ୍ରହଣ ଦିନ ଶେଷ ଏକ ଘଂଟା ( ଦିନ ୧୨ଟାରୁ ୧ଟା) ସମୟସୀମା ମଧ୍ୟରେ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଭୋଟଦାନ ପାଇଁ ଅନୁମତି ମିଳିବ । ଫେବୃୟାରୀ ୨୬, ୨୭ ଓ ୨୮ତାରିଖରେ ସମସ୍ତ ବ୍ଲକ ମୁଖ୍ୟାଳୟରେ ଜିଲ୍ଲା ପରିଷଦ ଜୋନଓ୍ୱାରୀ ଭୋଟଗଣତି ହେବ । ଏଥି ପାଇଁ ଜୋନଓ୍ୱାରୀ ଷ୍ଟ୍ରଙ୍ଗରୁମର ବ୍ୟବସ୍ଥା କରାଯିବା ସହିତ ସେଠାରେ ସିସିଟିଭି ଏବଂ କଡା ସୁରକ୍ଷା ବ୍ୟବସ୍ଥା କରାଯିବ । ଆଦର୍ଶ ଆଚରଣବିଧି ଫେବୃୟାରୀ ୨୮ତାରିଖ ପର୍ଯ୍ୟନ୍ତ ବଳବତର ରହିବ । ଆଦର୍ଶ ଆଚରଣ ବିଧି ଓ କୋଭିଡ୍ ମାର୍ଗଦର୍ଶିକା ଉଲ୍ଲଙ୍ଘନ ଏବଂ ଭୁଲ୍ ସତ୍ୟପାଠ କ୍ଷେତ୍ରରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଜିଲ୍ଲା ମୁଖ୍ୟାଳୟ ସମେତ ସମସ୍ତ ବ୍ଲକ କାର୍ଯ୍ୟାଳୟରେ କଂଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି । ନିର୍ବାଚନ ସଂକ୍ରାନ୍ତରେ କୌଣସି ପ୍ରକାର ସନ୍ଦେହ, ଦ୍ୱନ୍ଦ୍ୱ କିମ୍ବା ଅଭିଯୋଗ ଥିଲେ କଂଟ୍ରୋଲ ରୁମ ଫୋନ ନମ୍ବରରେ ଜଣାଇହେବ । ବୈଠକରେ ରାଜନୈତିକ ଦଳ ପ୍ରତିନିଧି ଶ୍ରୀ ଶତ୍ରୁଘ୍ନ ମଲ୍ଲିକ, ଶ୍ରୀ ଗୋପୀନାଥ ପାଢୀ, ଶ୍ରୀ କେଶବ କୁମାର ଆଚାର୍ଯ୍ୟ, ଶ୍ରୀ ପ୍ରେମରଂଜନ ପାତ୍ର, ଶ୍ରୀ ଗୌରାଙ୍ଗ ପାଣିଗ୍ରାହୀ, ଶ୍ରୀ ନିରଞ୍ଜନ ପରିଡାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ନିଯୁକ୍ତି ମେଳାରେ କେନ୍ଦ୍ରାପଡା, ଡେରାବିଶ, ମାର୍ଶାଘାଇ, ମହାକାଳପଡା ଓ ଗରଦପୁର ଆଦି ପା□ଟି ବ୍ଲକ ଏବଂ କେନ୍ଦ୍ରାପଡା ପୌରା□ଳର ୭୪୬ ଜଣ ଶିକ୍ଷିତ ବେକାର ଯୁବକ ଓ ଯୁବତୀମାନେ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ । ନିଯୁକ୍ତି ମେଳାରେ ଗୁଡ୍ ୱାକରସ, ସିପେଟ୍, ସେ□ୁରିଆନ ୟୁନିଭରସିଟି, ଏସଆଇପିଟି, ପିନାକେଲ, ହ୍ୟୁମାନ ରିସୋର୍ସ, ସାହି ଏକ୍ସପୋର୍ଟ ପ୍ରଭୃତି ୩୪ଟି ପ୍ରମୁଖ ସଂସ୍ଥା ଅଂଶଗ୍ରହଣ କରିଥିଲେ । ଜିଲ୍ଲା କର୍ମ ନିୟୋଜନ ଅଧିକାରିଣୀ କେ. ରୋଜା ଦୋରା ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ତା'ପରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଷଣଅଣ୍ଟା ଉଚ୍ଚ ବିଦ୍ୟାଳୟ ପଡିଆରେ ଆଉ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ସେହି ମେଳାରେ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର, ରାଜକନିକା ଓ ପଟ୍ଟାମୁଣ୍ଡାଇ ପୌରା□ଳର ଶିକ୍ଷିତ ବେକାର ଯୁବକ ଯୁବତୀମାନେ ନିଜ ନାମ ପଞ୍ଜିକରଣ କରି ଅଂଶ ଗ୍ରହଣ କରିଥିଲେ ବୋଲି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା,ଜିଲ୍ଲା ମଙ୍ଗଳ ଅଧିକାରିଣୀ ମମତାରାଣୀ ପରିଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ କେଜିରୁ ଉର୍ଦ୍ଧ ଗଂଜେଇ ଜବତ, ବାପ ଓ ପୁଅ ଗିରଫ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ କୁମାରୀ ଗ୍ରାମର ଜଣକ ଘରେ ପୁଲିସ ଚଢାଉ କରି ୧୫ କେଜିରୁ ଉର୍ଦ୍ଧ ଗଂଜେଇ ଜବତ କରିବା ସହ ଏହି ବେପାରରେ ସମ୍ପୃକ୍ତ ବାପ ଓ ପୁଅଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ କୁମାରୀ ଗ୍ରାମର ଗଂଜେଇ ବେପାରୀ ଅନ୍ତର୍ଯ୍ୟାମୀ ସାହୁ (୬୦) ଓ ତାଙ୍କ ପୁଅ ଆଶିଷ କୁମାର ସାହୁ (୩୦) । କୁମାରୀ ଗ୍ରାମର ଅନ୍ତର୍ଯ୍ୟାମୀ ଓ ତାଙ୍କ ପୁଅ ନିଜ ଘରେ ଗଂଜେଇ ରଖି ବେପାର କରୁଥିବା ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଖବର ପାଇ ସଦଳବଳେ ସେଠାରେ ଚଢାଉ କରିଥିଲେ । ଚଢାଉ ସମୟରେ ଅଭିଯୁକ୍ତଙ୍କ ଘରୁ ପୁଲିସ ୧୫ କେଜିରୁ ଉର୍ଦ୍ଧ ଗଂଜେଇ ଜବତ କରିଥିଲା । ଯାହାର ଆନୁମାନିକ ମୁଲ୍ୟ ଦେଢ଼ଲକ୍ଷରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଇଛି । ଏମାନେ ପୁଲିସ ଆଖିରେ ଧୂଳି ଦେଇ ବାଲେଶ୍ୱର ଅଂଚଳରୁ ଗଂଜେଇ ଆଣି ଏଠାରେ ଦୀର୍ଘ ଦିନ ହେଲା ବେପାର କରିଆସୁଥିବା ଜଣାପଡିଛି । ଏ ସମ୍ପର୍କରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ବିଶ୍ୱ ଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସର ସମୀକ୍ଷା ବୈଠକ

କେନ୍ଦ୍ରାପଡା (ପିଏନ୍): ଗରାପୁରସ୍ଥିତ ଦିବ୍ୟ ଜୀବନ ସଂଘ ଶିବାନନ୍ଦ ଆଶ୍ରମ ପରିସରରେ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୁପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ବିଶ୍ୱଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ବିଶ୍ୱଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସରେ ବହୁ ସାଧୁ ସନ୍ଥ, ଶ୍ରଦ୍ଧାଳୁ, ସ୍ୱେଚ୍ଛାସେବୀ, ସମାଜସେବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ । ଏକ ଆଧ୍ୟାତ୍ମିକ ପରିବେଶରେ ଓଡିଶାର ବିଭିନ୍ନ ଆଶ୍ରମ, ମଠ, ମନ୍ଦିର, ସ୍କୁଲ ଓ କଲେଜ ସମେତ କେନ୍ଦ୍ରାପଡାର ଆରାଧ୍ୟ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରଥଦାଣ୍ଡ ଏବଂ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ବଡଦାଣ୍ଡ ସନ୍ନିକଟ ମୁକ୍ତାକାଶ ରଙ୍ଗମ□ରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସୂଚାରୁ ରୂପେ ପାଳିତ ହୋଇଥିବାରୁ ଶ୍ରୀମା ପ୍ରାର୍ଥନା କମିଟିର ସମସ୍ତ ସଦସ୍ୟ, ବଳଦେବ ସେନାର କର୍ମକର୍ତ୍ତା, ତୁଳସୀ କଲଚରାଲ ଗ୍ରୁପର କର୍ମକର୍ତ୍ତା ଏବଂ ପ୍ରାର୍ଥନା ଦିବସର ମହତ୍ୱ ସମସ୍ତଙ୍କ ପାଖରେ ପହ□ାଇଥିବା ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସାଧୁବାଦ ପ୍ରଦାନ କରିବା ବେଳେ ଏଥିପାଇଁ ଆକୁଣ୍ଠ ସହଯୋଗ କରିଥିବା ସ୍ୱାମୀ ପ୍ରଜ୍ଞାନନନ୍ଦଜୀ ମହାରାଜ, କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ସୁପୁତ୍ର ସମାଜସେବୀ ଗୁରୁପ୍ରସାଦ ମହାନ୍ତି ଓ ପୁତ୍ରବଧୂ ତଥା ଶ୍ରୀଜଗନ୍ନାଥ କ୍ୟାନସର ଫାଉଣ୍ଡେସନର ସଭାପତି ଗାୟତ୍ରୀ ମହାନ୍ତି, କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏବଂ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀମା ଜାନୁଆରୀ ପହିଲାକୁ ବିଶ୍ୱଶାନ୍ତି ସର୍ବଧର୍ମ ପ୍ରାର୍ଥନା ଦିବସ ରୁପେ ସ୍ୱୀକୃତି ପ୍ରଦାନ ପାଇଁ ସରକାରଙ୍କୁ ନିବେଦନ କରିଥିଲେ । ସମୀକ୍ଷା ବୈଠକରେ ଉପସ୍ଥିତ ସଦସ୍ୟମାନେ କରୋନାରେ ପିଡିତ ବିଧାୟକ ଶ୍ରୀ ବେହେରାଙ୍କ ଆଶୁ ଆରୋଗ୍ୟ କାମନା ସହ ବିଶ୍ୱରୁ କରୋନା ମହାମାରୀ ଦୁର ପାଇଁ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କୁ ପ୍ରାର୍ଥନା କରିଥିଲେ। ଏହି ବୈଠକରେ ସ୍ୱାମୀ ରାମଶରଣାନନ୍ଦ ସରସ୍ୱତୀ, ପ୍ରାର୍ଥନା କମିଟି ସମ୍ପାଦକ ଶଶିକାନ୍ତ ନାଥ, ରବି ମହାପାତ୍ର, ଡଃ. କାଳୀପ୍ରଶନ୍ନ ଶତପଥୀ, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ଅଧ୍ୟାପକ ଅଜୟ ସାମଲ, ଡଃ. ବାସୁଦେବ ଦାସ, ନିରଞ୍ଜନ ମେକାପ, ହେମନ୍ତ ପରିଡା, ସଞ୍ଜୟ ମଥାନ, ସଞ୍ଜୟ ଜେନା, ମନୋରଞ୍ଜନ ମହାନ୍ତି, ମେଜର ଭରତ ଚନ୍ଦ୍ର ଜେନା, ଦ୍ରୌପଦୀ ରାଉତ, ସୁମିତ୍ରା ପାଢୀ, ସରପ□ ଗାୟତ୍ରୀ ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର ମହାନ୍ତି, ଅଭିମନ୍ୟୁ ଗୋଛାୟତ, ଶ୍ରୀଧର ରାଉତ, ଶରତ ବରାଳ, ନଳୀନି ମହାନ୍ତି, ବିର□ ରାଉତ, ମନୋଜ ମହାନ୍ତି, ସ୍ନେହଲତା ପ୍ରଧାନ, ମଥୁରୀ ସାହୁ, କୁଳମଣୀ ଦାସ, ସନ୍ତୋଷ ପଣ୍ଡା, ମୃତ୍ୟୁଞ୍ଜୟ ମହାନ୍ତି, ବିରେନ ଦାସ, ପ୍ରଶାନ୍ତ ସେଠୀ, ଦେବେନ୍ଦ୍ର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# 'ପୌର ପରିଷଦ ଓ ପଂଚାୟତ ନିର୍ବାଚନ ପରିଚାଳନା କମିଟି' ଗଠନ କଲା କଂଗ୍ରେସ

ଭୁବନେଶ୍ୱର (ପିଏନ୍)- କଂଗ୍ରେସ ଦଳ ଆଗାମୀ ପୌର ପରିଷଦ ଓ ପଂଚାୟତ ନିର୍ବାଚନର ସୁପରିଚାଳନା ନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ଏକ ରାଜ୍ୟସ୍ତରୀୟ 'ପୌର ପରିଷଦ ଓ ପଂଚାୟତ ନିର୍ବାଚନ ପରିଚାଳନା କମିଟି' କରିଛନ୍ତି। ଏହି କମିଟି ନିର୍ବାଚନର ପରିଚାଳନା କରିବା ସହ ଆଗାମୀ ପୌର ପରିଷଦ ନିର୍ବାଚନ ନିମନ୍ତେ ମେୟର ପ୍ରାର୍ଥୀ ଏବଂ କାଉନସିଲର ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ନାମ ତାଲିକା ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରେ ଦାଖଲ କରିବାକୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି। ସେହିପରି ଜିଲ୍ଲା କଂଗ୍ରେସ କମିଟି ସଭାପତିମାନେ ସେମାନଙ୍କ ଜିଲ୍ଲାରେ ଆଲୋଚନା କରି ମେୟରଙ୍କ ନାମ ସହ ସମସ୍ତ ପ୍ରାର୍ଥୀମାନଙ୍କର ନାମ ତାଲିକା ପ୍ରସ୍ତୁତ କରି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ପଠାଇପାରିବେ। ଅଥବା ନିର୍ବାଚନ ପରିଚାଳନା କମିଟିର ଅଧ୍ୟକ୍ଷ ବା ଆବାହକଙ୍କ ନିକଟକୁ ମଧ୍ୟ ପଠାଇ ପାରିବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ରାଜ୍ୟସ୍ତରୀୟ ନିର୍ବାଚନ କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର ଅଧ୍ୟକ୍ଷ ରହିଥିବା ବେଳେ ସର୍ବଶ୍ରୀ ଚିରିବ ବିଶ୍ୱାଳ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ପଂଚାନନ କାନୁନଗୋ, ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି, ମହମ୍ମଦ ମୋକିମ, ସପ୍ତଗିରୀ ଉଲ୍ଲାକା, ସଂନ୍ତୋଷ ସିଂ ସାଲୁଜା, କିଶୋର ଚନ୍ଦ୍ର ପଟେଲ, ସୁରେଶ ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ବନ୍ଦିତା ପରିଡ଼ା, ସ୍ତୁତିରଂଜନ ଲେଙ୍କା, ସୟଦ ୟାସିର ନୱାଜ, ମାନସ ରଂଜନ ଚୌଧୁରୀ ଓ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ଏହି କମିଟିରେ ସଦସ୍ୟ ଭାବରେ ରହିଛନ୍ତି ଏବଂ ଶ୍ରୀ ଯଜ୍ଞେଶ୍ୱର ବାବୁ ଆବାହକ ଭାବରେ ରହିଛନ୍ତି ବୋଲି ପିସିସି ପକ୍ଷରୁ ପ୍ରକାଶ।

# ଯୁବ ବିଜେଡିକୁ ଗୁରୁମନ୍ତ୍ର ଦେଲେ ଧର୍ମଶାଳା ବିଧାୟକ



ଧର୍ମଶାଳା (ପିଏନ୍): ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକଙ୍କ ସଭାପତିତ୍ୱରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୨୦ଟି ପ□ାତୟରେ ଆୟୋଜିତ ଯୁବ ବିଜେଡିର ସାଙ୍ଗଠନିକ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ନୂତନ ବର୍ଷର ଅଭିନନ୍ଦନ ଯୁବ କର୍ମୀମାନଙ୍କୁ ଜଣାଇବା ସହିତ ଆଗାମୀ ପ□ାୟତ ନିର୍ବାଚନରେ କିଭଳି ସର୍ବାଧିକ ବ୍ୟବଧାନରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ବିଜୟ ଲାଭ କରିବେ ତାହାର ରୁଟ୍ ମ୍ୟାପ୍ ପ୍ରସ୍ତୁତ କରିବା ସହିତ ଯୁବକ ମାନେ ଜନସାଧାରଣଙ୍କ ସମସ୍ୟା ସହିତ ଜଡିତ ରହି କିଭଳି ସେମାନଙ୍କ ସମସ୍ୟାକୁ ଦୂର କରିବେ ଏବଂ ସରକାରଙ୍କ ପ୍ରତିଟି ଯୋଜନାକୁ ଲୋକମାନଙ୍କ ପାଖରେ କିଭଳି ପହ□ାଯାଇପାରିବ ଉକ୍ତ ବୈଠକରେ ବିଧାୟକ ଯୁବ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ ଏବଂ ସଙ୍ଗଠନରେ ସକ୍ରୀୟ ଭୂମିକା ଗ୍ରହଣ କରିବା ସହିତ ଆଗାମୀ ଦିନରେ ଯୁବକମାନେ ବିଜୁ ଜନତା ଦଳର ଭବିଷ୍ୟତ ବୋଲି ସମସ୍ତଙ୍କୁ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ବିଜେଡି ଉପସଭାପତି ସୁବ୍ରତ ଧଳ, ଜିଲ୍ଲା ସମ୍ପାଦକ ବିକାଶ ଦାସ, ସାଧାରଣ ସମ୍ପାଦକ ଜୟନ୍ତ ଜେନା, ଜୋନ ନଂ-୧୨ ସଭାପତି ଶକ୍ତିରଂଜନ ଦାସ, ସାଧାରଣ ସମ୍ପାଦକ ରିତେଶ ମିଶ୍ର, ଉପସଭାପତି ଅରୁପ ନାରାୟଣ ପ୍ରସାଦ, ୧୪ ନଂ ଜୋନ କୋର୍ଡିନେଟର ମଦନମୋହନ ନାୟକ, ୧୪ ନଂ ଜୋନ ସଭାପତି ତ୍ରିଲୋଚନ ରାଉତ, ୧୧ ନଂ ଜୋନ ସଭାପତି ପ୍ରଦୀପ ପାଲ, ୧୩ ନଂ ଜୋନ ସଭାପତି ଜିତେନ୍ଦ୍ର ପାଲ, ୧୫ ନଂ ଜୋନ ସଭାପତି ସଂଜୟ ମଣ୍ଡଳ, ଯୁବ ନେତା ରାକେଶ ନାୟକ, ସଂଜୟ ନାୟକ, ବୁଲୁ ବେହେରା, ପ୍ରହଲ୍ଲାଦ ପାତ୍ର, ଦୀପକ ଦାସ, ସୁଧାଂଶୁ ମହାନ୍ତି, ସୁଧାଂଶୁ ସାହୁ ଏବଂ ଜିଲ୍ଲା ଡିଜିଟାଲ ସେକ୍ରେଟାରୀ ଚନ୍ଦନ ଓଝା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଏନଡିଆରଏଫ ଯବାନଙ୍କ ପ୍ରଶଂସନୀୟ କାର୍ଯ୍ୟ

ବାଲେଶ୍ୱର (ପିଏନ୍)- ଦୁର୍ଘଟଣାରେ ଆହତ ମହିଳାଙ୍କୁ ସାହାଯ୍ୟ କରି ପ୍ରଶଂସା ସାଉଁଟିଛନ୍ତି ଏନଡିଆରଏଫ ଯବାନ । ବାଲେଶ୍ୱର ସହର ବି.ସି.ସେନ୍ ରୋଡ୍‌ରେ ଏକ ମାଲବୋଝେଇ ଟ୍ରାକ୍ଟର (ଓଡି-୦୧ଜେ-୩୫୨୪) ଏକ ସ୍କୁଟିକୁ (ଓଡି-୧୫ବି-୬୯୩୮) ଧକ୍କା ଦେବା ଫଳରେ ସ୍କୁଟି ଚଳାଉଥିବା ମହିଳା ଗୁରୁତର ଆହତ ହୋଇଥିଲେ । ଟ୍ରାକ୍ଟରର ଚକ ମହିଳା ଗୋଡ ଉପରେ ଚଢିଯିବାରୁ ତାଙ୍କର ପ୍ରଚୁର ରକ୍ତସ୍ରାବ ହୋଇଥିଲା । ମହିଳା ଜଣକ ସାହାଯ୍ୟ ପାଇଁ ଆକୁଳ ନିବେଦନ କରୁଥିବା ବେଳେ ତାଙ୍କୁ ଉଦ୍ଧାର କରିବା ପାଇଁ କେହି ଆଗେଇ ଆସି ନ ଥିଲେ । ଠିକ୍ ସେହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଏନଡିଆରଏଫ ଯବାନଙ୍କ ନଜର ଆହତ ମହିଳାଙ୍କ ଉପରେ ପଡିଥିଲା । ତତକ୍ଷଣାତ୍ ଏନଡିଆରଏଫ ଯବାନମାନେ ଅନ୍ୟ ଦୁଇ ଜଣ ମହିଳାଙ୍କ ସହାୟତାରେ ଆହତ ମହିଳାଙ୍କୁ ଉଦ୍ଧାର ସହ ନିଜ ଗାଡିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଇଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ମହିଳାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଥିଲା । ମହିଳାଙ୍କ ନାମ ସୃଷ୍ଟି ପୁରୋହିତ ଏବଂ ତାଙ୍କ ବାପା ଏସ.କେ.ପୁରୋହିତ ବାଲେଶ୍ୱର ଏଲଆଇସି ଅଫିସରେ କାର୍ଯ୍ୟ କରୁଥିବା ଜଣାପଡିଛି । ଏନଡିଆରଏଫ ଯବାନ ଇନସପେକ୍ଟର ଏସ.କେ.ତ୍ରିପାଠୀ, ସବ-ଇନସପେକ୍ଟର ବିକାଶ ଶର୍ମା ଏବଂ ଡ୍ରାଇଭର ସୀତାରାମ ଯାଦବଙ୍କ ସମୟୋଚିତ ପଦକ୍ଷେପ ଯୋଗୁଁ ମହିଳାଙ୍କ ଜୀବନ ରକ୍ଷାହୋଇପାରିଥିବାରୁ ବିଭିନ୍ନ ମହଲରୁ ସେମାନଙ୍କ ପାଇଁ ପ୍ରଶଂସାର ସୁଅ ଛୁଟିଛି ।

# ଗ୍ରାମାଂଚଳରେ ଅସହାୟଙ୍କୁ କମ୍ବଳ ବଂଟନ



ଭୁବନେଶ୍ୱର (ପିଏନ୍): ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଗ୍ରାମାଂଚଳର ଅସହାୟ ଶୋଇବାରେ ସମସ୍ୟା ଦେଖାଦେଉଛି। ଏହି ପରିପ୍ରେକ୍ଷୀରେ ରାଜଧାନୀ ଉପକଣ୍ଠ ଶେଉଳକୁଣ୍ଡ ଅଂଚଳରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଂଟନ କରାଯାଇଥିଲା। ଏଥିରେ ଫାଉଣ୍ଡେସନ୍‌ର ଡ. ଶୁକାନ୍ତି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଶ୍ୟାମସୁନ୍ଦର ମହାନ୍ତି, ଇଂ ବିପିନ ନାୟକ, ଡ. ଶିବ ବେହେରା, ବାଳକୃଷ୍ଣ ରାଉତ, ବଂଶିଧର ମହାନ୍ତି, ଚକ୍ରଧର ଦାସ ଓ ବହୁ ସଭ୍ୟ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ।

# ପାରାଦୀପଠାରେ ଏସାର ମନମେଟ୍ ଲିମିଟେଡ୍ ପକ୍ଷରୁ ଜନଶୁଣାଣୀ



ପାରାଦୀପ (ପିଏନ୍)-ପାରାଦୀପ ଉପକଣ୍ଠ ଅଠରବାଙ୍କୀ ନିକଟସ୍ଥ ବାଉରିଆପାଳନ୍ଦା ନିକଟରେ ଏସାର ମନମେଟ୍ ଲିମିଟେଡ୍ ପକ୍ଷରୁ ୧୪ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ପେଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଯୋଜନା ଆରମ୍ଭ କରିଛି । ଏଥି ନିମନ୍ତେ ଏକ ଜନଶୁଣାଣୀ ପାରାଦୀପ ମଧୁବନସ୍ଥିତ ପୌର କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ହୋଇଥିଲା । ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁ ଚରଣ ଧୀର ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାନୀୟ ଅଧିକାରୀଙ୍କ ସମେତ ଏସାର ମନମେଟ୍ ଲିମିଟେଡ୍‌ର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ, ପରିବେଶବିତ୍ ଯୋଗଦେଇ ପ୍ରକଳ୍ପକୁ ବହୁମାତ୍ରାରେ ବିରୋଧ କରିଥିବା ବେଳେ ସ୍ଥାନୀୟ ଅଂଚଳର ଯୁବକଯୁବତୀମାନଙ୍କୁ ନିଯୁକ୍ତି, ପ୍ରଶିକ୍ଷଣ, ପ୍ରଦୂଷଣ ସମସ୍ୟାର ନିରାକରଣ, ସ୍ଥାନୀୟ ଅଂଚଳର ବିକାଶ, ବୃକ୍ଷରୋପଣ କରିବାକୁ ଦାବୀ କରିଥିଲେ । କମ୍ପାନୀ ତାର ସାମାଜିକ ଦାୟିତ୍ୱବୋଧ ଭାବେ ସ୍ଥାନୀୟ ଅଂଚଳର ସାମଗ୍ରୀକ ବିକାଶ କରିବାକୁ ବହୁ ଲୋକ ଦାବୀ କରିଥିଲେ । ଏସାର ମନମେଟ୍ ଲିମିଟେଡ୍ ଏଠାରେ ୧୪ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ପିଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାର ଯୋଜନା ରଖିଛି । ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହି ପ୍ଲାଣ୍ଟ ନିର୍ମାଣ ହେବାର ଯୋଜନା ରହିଛି । ଏହି କାରଖାନାରେ ୩୩୪୭କୋଟି ଟଙ୍କାର ପୁଂଜିନିବେଶ କରାଯିବାର ଯୋଜନା ରହିଛି । ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ଏଥିରେ ୬୦୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି ।

# କେନ୍ଦ୍ରାପଡା ବିଡିଓଙ୍କ ବଦଳି ପ୍ରତିବାଦରେ ସରପଂଚ, ସମିତିସଭ୍ୟଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବିଡିଓ ଅଶ୍ୱିନୀ କୁମାର ଦାସଙ୍କ ହଠାତ୍ ବଦଳିକୁ ନେଇ ବ୍ଲକର ସରପ□ ଓ ସମିତି ସଭ୍ୟ/ସଭ୍ୟାମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ବିଡିଓଙ୍କ ବଦଳିକୁ ବିରୋଧ କରି ବ୍ଲକର ସରପ□ ଓ ସମିତି ସଭ୍ୟ/ସଭ୍ୟାମାନେ କଂସାର ପ□ାୟତ ସରପ□ ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ନେତୃତ୍ୱରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ କେନ୍ଦ୍ରାପଡା ବ୍ଲକରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଉନ୍ନୟନ ମୂଳକ କାର୍ଯ୍ୟକୁ ସଫଳତାର ସହ କାର୍ଯ୍ୟକାରୀ କରାଇ ରାଜ୍ୟସ୍ତରରେ କେନ୍ଦ୍ରାପଡା ବ୍ଲକକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା କେନ୍ଦ୍ରାପଡା ବିଡିଓ ଶ୍ରୀ ଦାସଙ୍କ ବଦଳି ନିଷ୍ପତ୍ତି ସେମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ବିଡିଓ ଶ୍ରୀ ଦାସଙ୍କ ବଦଳି ଦ୍ୱାରା ବ୍ଲକର ବିଭିନ୍ନ ପ□ାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ଜନସାଧାରଣ ବହୁ ସମସ୍ୟାର ସମ୍ମୁଖୀନ ହେବେ । ତେଣୁ ବିଡିଓ ଶ୍ରୀ ଦାସଙ୍କ ବଦଳି ନିଷ୍ପତ୍ତିକୁ ବାତିଲ କରାଯିବା ପାଇଁ ରାଜ୍ୟ ସରକାରଙ୍କୁ ଜିଲ୍ଲାପାଳ ସୁପାରିଶ କରିବା ସହିତ ବିଡିଓଙ୍କୁ ଭାରମୁକ୍ତ ନକରିବା ପାଇଁ ସରପ□ ଓ ସମିତିସଭ୍ୟମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ । ଦାବିପତ୍ର ପ୍ରଦାନ ସମୟରେ କପାଳେଶ୍ୱର ସରପ□ ଗାୟତ୍ରୀ ମହାନ୍ତି, ଭରତପୁର ସରପ□ ଜୀନତ୍ ପ୍ରିୟଦର୍ଶିନୀ ରାଉତ, ଭାଗବତପୁର ସରପ□ ଧରଣୀଧର ଦାସ, ଚକ୍ରୋଡା ସରପ□ ବସନ୍ତ କୁମାର ରାଉତ, ଓସ୍ତପୁର ସମିତିସଭ୍ୟ ପ୍ରସନ୍ନ ରାଉତ, ଢୋଲ ସରପ□ ଝୁନା ମଳିକ, ଗୁଲନଗର ସରପ□ ପିତବାସ ବେହେରା, ଭାଗବତପୁର ସମିତିସଭ୍ୟ ଧିରେନ୍ଦ୍ର ନାଥ ସ୍ୱାଇଁ, ବଗଡା ସମିତିସଭ୍ୟା ସୌଦାମିନୀ ଦାସ, ପଳସିଂହା ସରପ□ କାଦମ୍ବିନୀ ମହାପାତ୍ର, ପ୍ରମୋଦ କୁମାର ପ୍ରଧାନ, ଲକ୍ଷ୍ମୀପ୍ରିୟା ରାଉତ, ସନ୍ତୋଷ କୁମାର ବେହେରା, ଗଗନ ବିହାରୀ ସାହୁ, ମାନିନୀ ମଳିକ, ହେମନ୍ତ କୁମାର ମଳିକ, ସୁଶିଳା ରାଉତ, ପୂର୍ଣ୍ଣେନ୍ଦୁ ପ୍ରେମାନନ୍ଦ ଘଡେଇ, ରମେଶ ଚନ୍ଦ୍ର ମଳିକ, ରୀନା ମଳିକ, ୬ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପାଣିରେ ହେଉଛି ଡ୍ରେନ୍ ନିର୍ମାଣ, ସ୍ଥାୟିତ୍ୱ ନେଇ ସନ୍ଦେହ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ବଜାର ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏବେ ଡିବିଏଲ୍ ଠିକାସଂସ୍ଥା ପକ୍ଷରୁ ଡ୍ରେନ୍ ନିର୍ମାଣ କରାଯାଉଛି । ଏହା ଖାଲୁଆ ସ୍ଥାନ ହୋଇଥିବାରୁ ଏଠାରେ ସବୁବେଳେ ପାଣି ଭର୍ତ୍ତି ହୋଇ ରହୁଛି । ଠିକାସଂସ୍ଥା ପମ୍ପ୍ ପକାଇ ପାଣି ନିଷ୍କାସନ କରିବାପାଇଁ ଚେଷ୍ଟା କରୁଥିଲେ ମଧ୍ୟ ପାଣି ଶୁଖୁନାହିଁ । ବାଧ୍ୟ ହୋଇ ଠିକାସଂସ୍ଥା ପାଣିରେ ସିମେଣ୍ଟ୍ କଂକ୍ରିଟ୍ ଢାଳି ତଳ ବେସ୍ ପକାଇବା ସହିତ ୱାଲ୍ କରୁଛି । ପାଣିରେ ଢଳେଇ ପଡୁଥିବାରୁ ତଳ ବେସ୍ ସୁଖୁ ନଥିବା ବେଳେ ପଚପଚ ହେଉଛି । ଖରାମାସରେ ଡ୍ରେନ୍ ନିର୍ମାଣ ହୋଇଥିଲେ ଏଭଳି ଅବସ୍ଥା ସୃଷ୍ଟି ହୋଇନଥାନ୍ତା । ଏପଟେ ଡ୍ରେନ୍ ୱାଲ୍ ଅଣଚଉଡ଼ା କରାଯାଉଥିବା ବେଳେ ଡ୍ରେନ୍ ସ୍ଲାବ୍ ଏହାଠାରୁ ଅଧିକ ମୋଟା କରାଯାଇଛି । କେତେକ ସ୍ଥାନରେ ସ୍ଲାବ୍ ଭାଙ୍ଗି ଯାଉଥିବା ଅଭିଯୋଗ ଉଠିଛି । ନିମ୍ନମାନର ନିର୍ମାଣ ହେଉଥିବା ଏହି ଡ୍ରେନ୍‌ର ଆୟୁଷ କେତେ ଦିନ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ସନ୍ଦୀହାନ । ଏପଟେ ୨ ବର୍ଷରୁ ଅଧିକ ସମୟ ହେଲା ରାସ୍ତା କାମ ଆରମ୍ଭ ହୋଇଥିଲେ ମଧ୍ୟ ନା' ସରିପାରୁଛି ରାଜପଥ କାମ ନା' ଥଇଥାନ ହୋଇ ପାରୁଛନ୍ତି ଉଚ୍ଛେଦ ହୋଇଥିବା କ୍ଷତିଗ୍ରସ୍ତ ଉଠା ଦୋକାନୀ । ସେହିପରି ଜାରକା ବଜାରରେ ଦେଢବର୍ଷ ହେଲା ଫ୍ଲାଇ ଓଭରବ୍ରିଜ୍ ଓ ଅନ୍ୟ ଏକ ଗଳିପୋଲ ନିର୍ମାଣ ମନ୍ଥର ଗତିରେ ଚାଲିଛି । ଏଥିପାଇଁ ବଜାର ଦେଇ ଯାଇଥିବା ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି । ଖରା ହେଲେ ଲୋକେ ଧୂଳିଧୂଆଁରେ ଅତିଷ୍ଠ ହୋଇ ପଡୁଥିବା ବେଳେ ବର୍ଷା ହେଲେ ପଚପଚ ପାଣି କାଦୁଅରେ କଲବଲ ହେଉଛନ୍ତି । ଖାଲଢିପ ରାସ୍ତାକୁ ପାର ହେବା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି । ରାସ୍ତା ନିର୍ମାଣ କରୁଥିବା ଡିବିଏଲ୍ ଠିକାସଂସ୍ଥା ଠାରୁ ଆରମ୍ଭ କରି ଶାସକ ଓ ପ୍ରଶାସକ ସମସ୍ତେ ଏ ସଂପର୍କରେ ଅବଗତ ଥିଲେ ମଧ୍ୟ କେହି ଏନେଇ ମୁହଁ ଖୋଲିବାକୁ ଉଚିତ୍ ମନେ କରୁନାହାଁନ୍ତି । ଫଳରେ ଠିକାସଂସ୍ଥା ନିଜ ଇଛାରେ କାମ କରୁଥିବା ବେଳେ ସାଧାରଣ ଲୋକ ମୁହଁ ଖୋଲିଲେ ନାଲି ଆଖି ଦେଖାଉଛି । ଏପରିକି ଜାରକା ବଜାରରେ ଫ୍ଲାଇଓଭର ବ୍ରିଜ୍ ନିର୍ମାଣ ପାଇଁ ଆନ୍ଦୋଳନ କରିଥିବା କେତେକ ସ୍ଥାନୀୟ ନେତୃମଣ୍ଡଳୀଙ୍କ ନାଁରେ ମାମଲା ରୁଜୁ କରିବାକୁ ପଛାଇନଥିଲା । ଠିକାସଂସ୍ଥାର ଏଭଳି ମନମାନୀ ବିରୋଧରେ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଧର୍ମଶାଳା ବିଧାୟକ ଓ ଯାଜପୁର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ଧର୍ମଶାଳା ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ବିଜେଡ଼ି ପକ୍ଷରୁ ଆଜି ୫ଟି ଜୋନ୍‌ର ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ସେହିପରି ୩୩ପଞ୍ଚାୟତର ସରପଞ୍ଚ ଓ ୩୯ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀଙ୍କୁ ଦଳୀୟ ସମର୍ଥନ ଦିଆଯାଇଥିବା ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି । ୧୧ନମ୍ବର ଜୋନ୍ ପାଇଁ ସୁଧାଂଶୁ ଭୁଷଣ ସାହୁ, ୧୨ରେ ପ୍ରଣତି ଲେଙ୍କା, ୧୩ରେ ସ୍ମୃତିରେଖା ବେହେରା, ୧୪ରେ ଜଳଧର ମହାନ୍ତି ଓ ୧୫ନମ୍ବର ଜୋନ୍‌ରେ ଭାଗ୍ୟଧର ସେଠୀଙ୍କୁ ଜିଲ୍ଲା ପରିଷଦ ପ୍ରାର୍ଥୀ କରାଯାଇଛି । ସେହିପରି ଅିରା ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ଭାବେ ସୁମିଳା ପାତ୍ର, ଆରୁହା ବନପ୍ରଭା ବଳ, ଏଣ୍ଡଳବା ସସ୍ମିତା ଖିଲାର, କଦମପାଳ ତୃପ୍ତିଲତା ମହାନ୍ତି, କୁମାରୀ କବିତା ବେହେରା, ଚହଟା ସୁମିତ୍ରା ସ୍ୱାଇଁ, ଥାନୁଆଳ ନର୍ମଦା ସ୍ୱାଇଁ, ନେଉଳପୁର ନଜବୁନ୍ ବେଗମ, ପଟୁଣିଆ ବୈଶାଳୀ ରାଉତ, ପାଟପୁର ମମତା ଦାସ, ବଡକାଏମା କୁମୁଦିନୀ ମହାନ୍ତି, ଭବାନୀପୁର ମଧୁଲିତା ନାୟକ, ମଧୁସୂଦନପୁର ରୁକ୍ତା ସ୍ୱାଇଁ, ରେଖିଦେଇପୁର ଚନ୍ଦ୍ରାବତୀ ପରିଡା, ସାହାଣିଡିହ ରୁବୁଲି ସାମଲ, କଣ୍ଟିଗଡ଼ିଆ ପ୍ରଶାନ୍ତ କୁମାର ରାଉତ, କବାଟବନ୍ଧ ରବିନ୍ଦ୍ର ସେନାପତି, ଗଙ୍ଗାଧରପୁର ସଦାନନ୍ଦ ନାୟକ, ଜାରକା ସୁଦାମ ବେହେରା, ପାଖର ସବ୍ୟସାଚୀ ଦାସ, ପୁରୁଣାବଉଳମାଳ ଅଶୋକ ପରିଡା, ମଙ୍ଗଳପୁର ପ୍ରିୟରନ ପ୍ରଧାନ, ସଂପାରୁ ଶରତ ଚନ୍ଦ୍ର ରାଉତ, ସୁନ୍ଦୁରିଆ ନିର୍ମଳ କୁମାର ଦାସ, ହରିଦାସପୁର ବିକ୍ରମ ବିଶ୍ୱାଳ, ଅଣ୍ଟିଆ ଲତା ସେଠୀ, ଅରାବଳ ସରସ୍ୱତୀ ବେହେରା, ଜେନାପୁର ସିପାଲତା ମଳିକ, ମହିଶରା ସଫଳା ବେହେରା, ରାଇଛନ୍ଦା ଦିପ୍ତିମୟୀ ଜେନା, ଉତ୍ତରପ୍ରତାପ ନିମାଇଁ ମଳିକ, ଦେଓଦା ଆତୁଳ ମଳିକ ଓ ମଧୁପୁରଗଡ଼ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାବେ ରମେଶ ବେହେରାଙ୍କୁ ଦଳ ସମର୍ଥନ ଦେଇଛି । ତେବେ ଅଭୟପୁର, ଅରେଇକଣା, ଚକ୍ରଧରପୁର, ତରିଆ, କମାଗଡ଼, ଚୋରମୁହାଁ, ବୃନ୍ଦାଦେଇପୁର, ମର୍ଜିତାପୁର, କୋଟପୁର, ମିର୍ଜାପୁର, ତାଳଜଙ୍ଗ ଓ କ୍ଷେତ୍ରପାଳ ପଞ୍ଚାୟତରେ ବିଭିନ୍ନ କାରଣ ପାଇଁ ଦଳୀୟ ସରପଞ୍ଚ ପ୍ରାର୍ଥୀ ଚୟନ ହୋଇପାରିନାହିଁ । ସେହପରି ଅିରା ପଞ୍ଚାୟତ ସମିତିସଭ୍ୟ ପ୍ରାର୍ଥୀ ଭାବେ ନିରୁପମା ପରିଡା, ଅଭୟପୁର ସୁରେଖା ରାଉତ, ଏଣ୍ଡଳବା ସଙ୍ଗିତା ବେହେରା, କବାଟବନ୍ଧ ଦେବକୀ ସାହୁ, ଗଙ୍ଗାଧରପୁର ରୀତାଳି ବରାଳ, ଚହଟା ସସ୍ମିତା ନାୟକ, ଜାରକା ଅନ୍ନପୂର୍ଣ୍ଣା ସାହୁ, ତାଳଜଙ୍ଗ ବିଶ୍ୱ ବିଜୟୀନି ମିଶ୍ର, ଥାନୁଆଳ ସ୍ନେହଲତା ଦୋରା, ନେଉଳପୁର ନିରୂପମା ବାରିକ୍, ପାଖର ମଲିକା ପରିଡା, ପାଟପୁର ଶୁଭଲକ୍ଷ୍ମୀ ମିଶ୍ର, ଭବାନୀପୁର ଉର୍ମିଳା ମୁଦୁଲି, ରେଖିଦେଇପୁର ସତ୍ୟବତୀ ମଲ୍ଲ, ସାହାଣିଡ଼ିହ କଳ୍ପନା ମଲ୍ଲିକ, କଣ୍ଟିଗଡ଼ିଆ ଅରୂପାନନ୍ଦ ଜେନା, କଦମପାଳ ଅନୁପମା ମହାନ୍ତି, କୁମାରୀ ପ୍ରଭାତ କୁମାର ବଳବନ୍ତରାୟ, ଚକ୍ରଧରପୁର ବିଭୂତି ଭୂଷଣ ଜେନାମଣି, ଚୋରମୁହାଁ ପ୍ରିୟବ୍ରତ ପ୍ରଧାନ, ପଟୁଣିଆ ଦୀପ୍ତିରନ ସାମଲ, ବଡ଼କାଏମା ସତ୍ୟନାରାୟଣ ପଣ୍ଡା, ମଙ୍ଗଳପୁର ନିଗମାନନ୍ଦ ଲେଙ୍କା, ମର୍ଜିତାପୁର ଅମୁଲ୍ୟ ରାଉତ, ମଧୁସୂଦନପୁର ପ୍ରଶାନ୍ତ ଦଳାଇ, ସୁନ୍ଦୁରିଆ ନିତ୍ୟାନନ୍ଦ ବିଶ୍ୱାଳ, କ୍ଷେତ୍ରପାଳ ଯତିନ୍ଦ୍ର ମହାପାତ୍ର, ଅରାବଳ ବନିତା ମଳିକ, ଆରୁହା ମମତା ମାଝି, ଉତ୍ତରପ୍ରତାପ କ୍ଷିରାବ୍ଧୀ ତନୟା ମଳିକ, ମଧୁପୁରଗଡ ପ୍ରମିଳା ଦଳାଇ, ରାଇଛନ୍ଦା ଅନିତା ବେହେରା, ହରିଦାସପୁର ସବିତା ସାମଲ, ଅଣ୍ଟିଆ ତିଲୋତମା ଦଳାଇ, ଜେନାପୁର ମହେଶ୍ୱର ମଳିକ, ଦେଓଦା ଅନନ୍ତ କିଶୋର ତରାଇ, ପୁରୁଣାବଉଳମାଳ ଟିଙ୍କିନା ସାମଲ, ମହିସରା ପବିତ୍ର କୁମାର ବେହେରା ଓ ମିର୍ଜାପୁର ପଞ୍ଚାୟତ ସମିତିସଭ୍ୟ ପ୍ରାର୍ଥୀ ଭାବେ ମିତା ବେହେରାଙ୍କୁ ଦଳୀୟ ସମର୍ଥନ ଦିଆଯାଇଛି । ତେବେ ଅରେଇକଣା, କମାଗଡ଼, ତରିଆ, ବୃନ୍ଦାଦେଇପୁର, ସଂପାରୁ ଓ କୋଟପୁର ପଞ୍ଚାୟତରେ ବିଭିନ୍ନ କାରଣ ପାଇଁ ଦଳୀୟ ସମିତିସଭ୍ୟ ପ୍ରାର୍ଥୀ ଚୟନ ହୋଇପାରିନାହିଁ

# ପଂଚାୟତ ନିର୍ବାଚନ: ଦ୍ୱିତୀୟ ଦିନରେ ୯୪ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ



ଧର୍ମଶାଳା, (ପିଏନ୍): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ପ୍ରକ୍ରାୟା ଚାଲିଥିବା ବେଳେ ଧର୍ମଶାଳା ବ୍ଲକ ଓ ପଂଚାୟତ କାର୍ଯ୍ୟାଳୟରେ ଆଜି ଦ୍ୱିତୀୟ ଦିନରେ ୯୪ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କପତ୍ର ଦାଖଲ କରିଛନ୍ତି । ଧର୍ମଶାଳା ବ୍ଲକରେ ୪୫ ଗୋଟି ପଂଚାୟତ ଓ ୬୩୭ ଗୋଟି ୱାର୍ଡରେ ସରପଂଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟ ପାଇଁ ନାମାଙ୍କନ ପତ୍ର ଦାଖଲ ହେଉଛି । ନାମାଙ୍କନ ଦାଖଲର ଦ୍ୱିତୀୟ ଦିନରେ ବ୍ଲକ କାର୍ଯ୍ୟାଳୟରେ ସମତି ସଭ୍ୟ ପାଇଁ ୫ ଜଣ ଓ ବିଭିନ୍ନ ପଂାଚୟତ କାର୍ଯ୍ୟାଳୟରେ ସରପଂଚ ପଦ ପାଇଁ ୧୩ ଜଣ ଓ ୱାର୍ଡ ସଭ୍ୟ ପାଇଁ ୭୬ ଜଣ ମୋଟ ୯୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏହି ବ୍ଲକରେ ପ୍ରଥମ ଦିନ ୩ ଜଣ ସମିତି ସଭ୍ୟ ୮ ଜଣ ସରପଂଚ ଓ ୬୦ଜଣ ୱାର୍ଡ ସଭ୍ୟ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଆଜି ଦ୍ୱିତୀୟ ଦିନ ସୁଦ୍ଧା ମୋଟ ୧୬୫ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଆଜି ଦ୍ୱିତୀୟ ଦିନରେ ବ୍ଲକ କାର୍ଯ୍ୟାଳୟରେ ସମିତି ସଭ୍ୟ ପଦବୀ ପାଇଁ ଅରାବଳ , ଚୋରମୁହାଁ ଓ କବାଟବନ୍ଧ ପଂଚାୟତରୁ ଜଣେ ଲେଖାଏଁ ଓ ଗଙ୍ଗାଧରପୁର ପଂଚାୟତରୁ ୨ ଜଣ ମୋଟ ୫ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ସେହିପରି ସରପଂଚ ପଦବୀ ପାଇଁ ଚହଟା, ହରିଦାସପୁର, ଜାରକା, କୋଟପୁର, ମର୍ଜିତାପୁର , ମିର୍ଜାପୁର, ନେଉଳପୁର ସୁନ୍ଦୁରିଆ ପଂଚାୟତ ପାଇଁ ଜଣେ ଲେଖାଏଁ ଓ ଗଙ୍ଗାଧରପୁରରୁ ୨, ଅିରା ପଂଚାୟତରୁ ୩ ଜଣ ମୋଟ ୧୩ ଜଣପ୍ରାର୍ଥୀ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ବିଭିନ୍ନ ପଂାଚାୟତରେ ୭୬ ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀ ସେମାନଙ୍କ ନାମାନଙ୍କ ପତ୍ର ଦାଖଲ କରିଛନ୍ତି ବୋଲି ଧର୍ମଶାଳା ବ୍ଲକ ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି ।

# ସଡକ ସୁରକ୍ଷା ପାଇଁ ତାଲିମ କାର୍ଯ୍ୟକ୍ରମ 'ରକ୍ଷକ'ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକସେବା ଭବନର କନ୍‌ଭେନ୍‌ସନ ସେଂଟର ଠାରେ ସଡକ ସୁରକ୍ଷା ପାଇଁ ଏକ ଅଭିନବ ତାଲିମ କାର୍ଯ୍ୟକ୍ରମ 'ରକ୍ଷକ'ର ଶୁଭାରମ୍ଭ କରିଛନ୍ତି । ରାଜ୍ୟ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ୩୦ ହଜାର ପ୍ରଥମ ଜୀବନ ରକ୍ଷାକାରୀ (ଫାଷ୍ଟ ରେସପଣ୍ଡର) ତାଲିମ ପାଇବେ । ୩୦୦ ପ୍ରଶିକ୍ଷକ ରାଜ୍ୟର ୩୦ଟି ଜିଲ୍ଲାରେ ୩୦ ସପ୍ତାହ ପାଇଁ ତାଲିମ ପ୍ରଦାନ କରିବେ । ଏହାଦ୍ୱାରା ସଡକ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତି ମାନଙ୍କୁ ତୁରନ୍ତ ସହାୟତା ଓ ଚିକିତ୍ସା ମିଳିପାରିବ ଓ ଅନେକ ଜୀବନ ବଂଚାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସଡକ ଦୁର୍ଘଟଣା କେବଳ ଜଣେ ବ୍ୟକ୍ତି ବା ଗୋଟିଏ ପରିବାରର କ୍ଷତି ନୁହେଁ । ଏହା ସମାଜର କ୍ଷତି । ଅର୍ଥନୀତିର ମଧ୍ୟ ବଡ କ୍ଷତି । ତେଣୁ ଏହାକୁ ରୋକିବା ପାଇଁ ଆମେ ସମସ୍ତେ ଏକାଠି ହୋଇ କାମ କରିବା ଦରକାର । ଏ କ୍ଷେତ୍ରରେ ଡ୍ରାଇଭର ମାନଙ୍କର ଯେତିକି ଦାୟିତ୍ୱ, ସଡକ ବ୍ୟବହାର କରୁଥିବା ବ୍ୟକ୍ତିର ମଧ୍ୟ ସେତିକି ଦାୟିତ୍ୱ । ତା ସହିତ ଦୁର୍ଘଟଣା ସ୍ଥଳରେ ଥିବା ଅନ୍ୟ ଲୋକମାନଙ୍କର ମଧ୍ୟ ବିଶେଷ ଦାୟିତ୍ୱ ରହିଛି । ତେଣୁ ସେମାନେ ସାମାନ୍ୟ ସହଯୋଗ କଲେ, ଅନେକ ଜୀବନ ରକ୍ଷା ହୋଇପାରିବ ଓ ଅନେକ ପରିବାର ଦୁର୍ଦ୍ଦିନରୁ ରକ୍ଷା ପାଇପାରିବେ ବୋଲି ସେ କହିଥିଲେ । ତାଲିମ ବ୍ୟବସ୍ଥା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆପଣମାନେ ହେଉଛନ୍ତି ଜଣେ ଜଣେ ଉତମ ନାଗରିକ । ଦୁର୍ଘଟଣାର ପ୍ରଥମ ଏକ ଘଂଟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ଆମେ ଯଦି ତୁରନ୍ତ ଚିକିତ୍ସା କରିବା, ତେବେ ଆମେ ଅନେକ ଜୀବନ ରକ୍ଷା କରିପାରିବା ବୋଲି ସେ କହିଥିଲେ । ବିପଦରେ ଥିବା ଲୋକର ଜୀବନ ବଂଚାଇବା ଠାରୁ ବଡ ପୁଣ୍ୟ କିଛି ନାହିଁ । ସଡକ ଦୁର୍ଘଟଣାର ଶିକାର ହେଉଥିବା ଲୋକ ମାନଙ୍କୁ ସାହାଯ୍ୟ ପାଇଁ ଆଗେଇ ଆସୁଥିବା ଲୋକକୁ ୨୦୦୦ ଟଙ୍କା ସହାୟତା ଦେବାର ବ୍ୟବସ୍ଥା କରାଯାଇଛି । ଏହାସହିତ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତି ମାନଙ୍କର ଚିକିତ୍ସା ପାଇଁ ରାଜ୍ୟ ସରକାର ୧୪୭ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବିଭିନ୍ନ ଏନଜିଓ ମାନେ ସଡକ ଦୁର୍ଘଟଣା ସମୟରେ ତୁରନ୍ତ ସହାୟତା ଯୋଗାଇଦେବା ଓ ସଚେତନତା ସୃଷ୍ଟି କ୍ଷେତ୍ରରେ ଯେଉଁ ଉଦ୍ୟମ କରୁଛନ୍ତି, ମୁଖ୍ୟମନ୍ତ୍ରୀ ତାର ଉଚ୍ଚ ପ୍ରଶଂସା କରିଥିଲେ । ସେମାନଙ୍କର ଏହି ଉଦ୍ୟମ ସଫଳ ହେବ ଓ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ରାଜ୍ୟସ୍ତରରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ବୋଲି କହିଥିଲେ । ତାଲିମ କାର୍ଯ୍ୟକ୍ରମ ଶେଷ ହେବା ପରେ ସଡକ ସୁରକ୍ଷା କ୍ଷେତ୍ରରେ ବହୁତ ଉନ୍ନତି ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଭିନ୍ନ ସ୍ୱେଚ୍ଛାସେବୀ, ରେଡକ୍ରସ ଓ ଅନ୍ୟାନ୍ୟ ସଂସ୍ଥା ମାନଙ୍କୁ ମୁଖ୍ୟମନ୍ତ୍ର ଧନ୍ୟବାଦ ଦେଇ ଜୀବନ ରକ୍ଷା କ୍ଷେତ୍ରରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରକ୍ଷକ ତାଲିମ କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ କରିବା ସହିତ ଏହାର ୱେବସାଇଟଙଚଞ୍ଚଓଉଝ ଉଦ୍‌ଘାଟନ କରିଥିଲେ । ତାଲିମରେ ଯୋଗ ଦେଇଥିବା ଫାଷ୍ଟ ରେସପଣ୍ଡର ମାନଙ୍କୁ କିଟ୍ ଓ ଟି-ସାର୍ଟ ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସଡକ ଦୁର୍ଘଟଣା ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ବିଭାଗୀୟ ପ୍ରମୁଖ ସଚିବ ମଧୁସୂଦନ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପରିବହନ କମିଶନର ଅରୁଣ ବୋଥ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରିବାରିକ ଗଣ୍ଡଗୋଳ ଘଟଣାରେ ୩ଗୁରୁତର

ଧର୍ମଶାଳା, (ପିଏନ୍): ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଂଚାୟତ ଦଳିତ ସାହିରେ ପାରିବାରିକ ଗଣ୍ଡଗୋଳ ଘଟି ୩ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ମୁତାବକ, ଆଜି ମଧ୍ୟାହ୍ନରେ ପିଲାମାନଙ୍କ ବଚସାକୁ ନେଇ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ପଦନ ଦଳେଇ (୬୦), ତାଙ୍କ ପୁଅ ଦିଲୀପ ଦଳେଇ (୩୦) ଓ ସୁଶାନ୍ତ ଦଳେଇ (୨୦) ଅନ୍ୟ ପକ୍ଷର ଗୋବର୍ଦ୍ଧନ ଦଳେଇ (୪୫), ଝୁମୁରୀ ଦଳେଇ (୪୦) ଓ ତାଙ୍କ ପୁଅ ବିକାଶ ଦଳେଇ (୧୮)ଙ୍କୁ ଠେଙ୍ଗା ସାହାଯ୍ୟରେ ଆକ୍ରମଣ କରିଥିଲେ । ଏଥିରେ ଗୋବର୍ଦ୍ଧନ ଓ ଝୁମୁରୀ ଗୁରୁତର ଭାବେ ଆହତ ହୋଇ ଧର୍ମଶାଳା ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ତେବେ ରିପୋର୍ଟ ଲେଖା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି । ଅଭିଯୋଗ ହେଲେ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

# ବାତ୍ୟାରୁ ବର୍ତ୍ତିଥିବା ଫସଲ ଅଦିନିଆ ବର୍ଷାରେ ନଷ୍ଟ



ଧର୍ମଶାଳା, (ପିଏନ୍): ଗତବର୍ଷ ସେପ୍ଟେମ୍ବର ମାସର ଲଗାଣ ବର୍ଷା ଓ ବନ୍ୟା ପରେ ଡିସେମ୍ବର ମାସରେ ହୋଇଥିବା ବାତ୍ୟା ଜୱାଦରୁ ଅଳ୍ପକେ ବର୍ତ୍ତିଯାଇଥିବା ଅଧିକାଂଶ ଫସଲ ଏବେ ଅଦିନିଆ ବର୍ଷାରେ ନଷ୍ଟ ହୋଇଗଲାଣି । ଖରିଫ୍ ଋତୁରେ ଏକାଧିକ ପ୍ରାକୃତିକ ବିପର୍ଯ୍ୟୟ ଧର୍ମଶାଳା ବ୍ଲକ୍ ଚାଷୀକୂଳର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ରବି ଋତୁରେ କ୍ଷତିର ଭରଣା କରିବାକୁ ଚାଷୀ ଅଣ୍ଟା ସଳଖି ଠିଆ ହେବାପାଇଁ ଚେଷ୍ଟା କରୁଥିବା ବେଳେ ଅଦିନିଆ ବର୍ଷା ଏଥିରେ ଦାଉ ସାଜିଛି । ଗତ ବନ୍ୟାବାତ୍ୟାରେ କ୍ଷୟକ୍ଷତି ହୋଇଥିବା ଫସଲର କ୍ଷତିପୂରଣ ମିଳିନଥିବା ବେଳେ ପୁଣି ଏକ ବିପର୍ଯ୍ୟୟକୁ ସାମ୍ନା କରିଛି ଧର୍ମଶାଳା ବ୍ଲକ ଅଞ୍ଚଳର ଚାଷୀକୂଳ । ଜୱାଦ ବାତ୍ୟାରେ ଅଧିକାଂଶ ଫସଲ ଚାଷ ଜମିରେ ନଷ୍ଟ ହୋଇଯାଇଥିବା ବେଳେ ଏବେ ଖଳାରେ ଫସଲ ନଷ୍ଟ ହେଉଛି । ସେହିପରି ଖାଲୁଆ ଜମିରୁ ପାଣି ଖସିନଥିବାରୁ ଆଉ କିଛି ପାଚିଲା ଧାନ ଏବେବି ଜମିରେ ପଡ଼ିରହିଛି । ପୁଣି ଲଗାଣ ବର୍ଷା ହେବାରୁ ଅଧିକାଂଶ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି । ଚଳିତ ବର୍ଷ ଧର୍ମଶାଳା ବ୍ଲକରେ ୧୨ହଜାର ୬ଶହ ହେକ୍ଟର ଜମିରେ ଧାନ ଫସଲ ହୋଇଥିବା ବେଳେ ୩ହଜାର ୮ଶହ ହେକ୍ଟର ଜମିରେ ପନିପରିବା ଚାଷ ହୋଇଥିଲା । ତେବେ ଲଗାଣ ବର୍ଷା, ବନ୍ୟା ଓ ବାତ୍ୟାରେ ୬୦ପ୍ରତିଶତ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଥିବା ବେଳେ ୮୦ଭାଗ ଫସଲ ନଷ୍ଟ ହୋଇଯିବା ନେଇ ଆକଳନ କରାଯାଇଛି । ବିଶେଷ କରି ଅଧିକାଂଶ ପନିପରିବା, ବିରି, ମୁଗ ଆଦି ବିଭିନ୍ନ ଫସଲ ନଷ୍ଟ ହୋଇଯାଇଛି । ଜମିରେ କଟା ହୋଇ ପଡ଼ିଥିବା ଧାନ ଗଜା ହୋଇଯାଇଥିବା ବେଳେ ଖଳାରେ ଗଚ୍ଛିତ ଥିବା ଧାନ ଏକାଧିକ ଦିନ ଧରି ପାଣିରେ ଭିଜି ପଚି ଗଲାଣି । କୃଷିଋଣ ଓ ଗାଁ ମହାଜନ ଠାରୁ କରଜ କରି ଚାଷ କରିଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ବର୍ଷକର ଦାନାକୁ ସାଇତି ରଖିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଅଦିନିଆ ବର୍ଷା ଚାଷୀ ମୁହଁରୁ ଦାନା ଛଡ଼ାଇ ନେଉଛି । ବାରମ୍ବାର ବିପର୍ଯ୍ୟୟକୁ ସାମ୍ନା କରୁଥିବା ଚାଷୀ ଆବଶ୍ୟକ କ୍ଷତିପୂରଣ ନପାଇ ଏବେ ଚାଷରୁ ମୁହଁ ଫେରାଇ ନେବାକୁ ବସିଲାଣି । ଏଥିପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସରକାରୀ ସହାୟତା ଦେବାପାଇଁ ଦାବି ଜୋର ଧରିଛି ।


MAHARISHI PUBLIC SCHOOL
ମା ଶିକ୍ଷାନିକେତନ

2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# କାରଖାନା ଭିତରେ ଶ୍ରମିକ ମୃତ୍ୟୁ ଘଟଣାରେ କାରଖାନା ଓ ବାଷ୍ପିତ୍ର କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ତଦନ୍ତ କଲେ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅନ୍ତର୍ଗତ ଧନୁର୍ଜୟପୁର ସ୍ଥିତ ଏସଏସ ବି ଏନର୍ଜି ଆଣ୍ଡ ମିନେରାଲ୍ସ ଆଇରନ ଓର ବେନିଫିକେସନ କାରଖାନାରେ ଜଣେ ଶ୍ରମିକ ମୃତ୍ୟୁବରଣ କରିବା ଘଟଣାରେ କେନ୍ଦୁଝର ମଣ୍ଡଳ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ କେଦାର ନାଥ ହାଁସଦା ସୋମବାର ଦିନ କାରଖାନାକୁ ଯାଇ ତଦନ୍ତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୮ ତାରିଖ ଦିନ ରାତି ପ୍ରାୟ ୯ଟା ସମୟରେ କୋହ୍ଲପାଣ୍ଡୁଲ ଗ୍ରାମର ଦେଶ ମୁଣ୍ଡା(୩୦)ଡ୍ୟୁଟି ସାରି କେତେଜଣ ଲୋକଙ୍କ ସହ କାରଖାନା ଭିତରେ ନିଆଁ ପୁଇଁ ହେଉଥିଲା। ନିଆଁ ସେକି ହେଉଥିବାବେଳେ ଦେଶ ମୁଣ୍ଡା ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଥିଲେ। ତେବେ ଘଟଣା ସମୟରେ ପାଖରେ ଥିବା ୫/୬ଜଣ କାହିଁକି ତାଙ୍କ ନ ବଞ୍ଚାଇ ଦୌଡି ପଳାଇଗଲେ ତାହା ଏବେ ସନ୍ଦେହ ଘେରରେ। ଏହି ଘଟଣା ଏବେ ରହସ୍ୟମୟ ହୋଇପଡି ଥିବାବେଳେ ପୋଲିସର ତଦନ୍ତ ପ୍ରକ୍ରୀୟାକୁ ନେଇ ପ୍ରଶ୍ନ ଉଠିଛି। ବଲାଣି ପୋଲିସ ଅପମୃତ୍ୟୁ ମାମଲା କେସ ନଂ ୧ ରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ କାରଖାନା ଓ ବାଷ୍ପିତ୍ର କାର୍ଯ୍ୟାଳୟ ପକ୍ଷରୁ କାରଖାନା ଭିତରେ ଦୂର୍ଘଟଣାରେ ଶ୍ରମିକ ମୃତ୍ୟୁ ବରଣ ପାଇଁ ଦାୟୀ କିଏ ତାହା ତଦନ୍ତ ପରିସରଭୁକ୍ତ ରହିଛି। କାହାର ଅବହେଳାରୁ ଜଣେ ନିରୀହ ଶ୍ରମିକଙ୍କ ଜୀବନ ଗଲା ଏବଂ ଅଘଟଣ ରୋକିବା ପାଇଁ କି କି ପଦକ୍ଷେପ ନିଆଯାଇଛି ସେ ନେଇ ତଦନ୍ତ ଜାରୀ ରହିଛି। ମୃତ ଶ୍ରମିକ ଜଣକ ସୁରକ୍ଷା ସରଞ୍ଜାମ ହେଲମେଟ, ବୁଟ,ଜ୍ୟାକେଟ ପିନ୍ଧି ନଥିଲେ ଏବଂ ସୁରକ୍ଷା ସରଞ୍ଜାମ ନପିନ୍ଧି କାହିଁକି ତାଙ୍କୁ କାମ କରିବାକୁ ଦିଆଯାଇଥିଲା। ବିନା ସୁରକ୍ଷା ସରଞ୍ଜାମରେ କାରଖାନା ଭିତରକୁ କିପରି ଗଲେ ଏବଂ ଏଥିପାଇଁ ଦାୟୀ କିଏ। ସୁରକ୍ଷା ଅବହେଳାରୁ ଦୂର୍ଘଟଣା ହୋଇଥିବାରୁ କାରଖାନା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହୋଇଛି।

## ଭୋଟର ତାଲିକାରେ ଅନିୟମିତତା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ନଦରମ ପଞ୍ଚାୟତ କହଁରା କୂଳ ଗ୍ରାମର ୩ ନମ୍ବର ୱାର୍ଡ଼ ବାସିନ୍ଦା ମୀନତି ବାରିକଙ୍କ ନାମ ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ସେ ନେଇ ୱାର୍ଡ଼ରେ ତାଲିକାଭୁକ୍ତ ହୋଇଥିଲା। ହେଲେ ୨୦୨୨ ନିର୍ବାଚନ ପାଇଁ ମୀନତିଙ୍କ ନାମ ୩ ନମ୍ବର ୱାର୍ଡ଼ ପରିବର୍ତ୍ତି ମଲ୍ଲିପୁର ଟିକିରାପାଳ ୨ ନମ୍ବର ୱାର୍ଡ଼ କ୍ରମିକ ନମ୍ବର ୩୨୮ ରେ ତାଲିକାଭୁକ୍ତ ହୋଇଛି। ନଦରମ ପଞ୍ଚାୟତର ଭୋଟର ତାଲିକା ପ୍ରସ୍ତୁତି ଦାଇତ୍ୱରେ ଥିବା ପିଇଓ ଉଦ୍ଦେଶ୍ୟ ମୁଳକ ଭାବେ ଏ ଭଳି କାର୍ଯ୍ୟ କରିଥିବା ଅଭିଯୋଗ କରି ଏହା ବିରୋଦ୍ଧରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ପଦ ନିମନ୍ତେ ସୋମବାର ଠାରୁ ପ୍ରାଥୀ ପତ୍ର ଦାଖଲ ଆରମ୍ଭ ହୋଇଥିବା ବେଳେ ଭୋଟର ତାଲିକାରେ ନାମ କଟିବା ଯୋଗୁଁ ପ୍ରାଥୀତ୍ୱରୁ ବାଦ ପଡ଼ିବାକୁ ଯାଉଥିବା ଆସାହୀ ୱାର୍ଡ଼ ସଭ୍ୟା ପ୍ରାଥୀ ମୀନତି ବାରିକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରାଥୀ ପତ୍ର ଦାଖଲର ଶେଷ ତାରିଖ ପୂର୍ବରୁ ତାଙ୍କର ନାମ ପୂର୍ବ ଭଳି ୩ ନମ୍ବର ୱାର୍ଡ଼ର ୨୬୯ କ୍ରମିକରେ ରଖିବାକୁ ସେ ଦାବି କରିଛନ୍ତି। ନ ହେଲେ ସେ ଅନସନ କରିବେ ବୋଲି ଏକ ଦାବି ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

# ପ୍ରସ୍ତାବିତ ଜେ.ଏସ୍.ଡବ୍ଲ୍ୟୁ. ପ୍ରକଳ୍ପ ଅଂଚଳ ବୁଲିଲେ ବରିଷ୍ଠ ଅଧିକାରୀ



ପାରାଦୀପ, (ପି.ଏନ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଢିଙ୍କିଆ ଅଂଚଳରେ ପ୍ରସ୍ତାବିତ ଜେ.ଏସ୍.ଡବ୍ଲ୍ୟୁ. ତାର କାରଖାନା ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରୀ ରଖିଛି। ଏହି ଅବସରରେ ମଙ୍ଗଳବାର ଦିନ ପ୍ରକଳ୍ପ ଅଂଚଳରେ ପହଂଚି ସ୍ଥିତି ପରଖିଛନ୍ତି କମ୍ପାନୀର ଓଡିଶା ମୁଖ୍ୟ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରଂଜନ ନାୟକ। ଶ୍ରୀ ନାୟକଙ୍କ ସହ ପ୍ରକଳ୍ପ ମୁଖ୍ୟ ସୁବ୍ରତ ସାହୁ, ମାନବ ସମ୍ବଳ ଅଧିକାରୀ ଶ୍ରୀଜିତ୍ ମିଶ୍ର ସ୍ଥାନୀୟ ଅଂଚଳର ଲୋକମାନଙ୍କ ସହିତ ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ଦଳ ମାହାଳ, ଗୋବିନ୍ଦପୁର ଓ ପାଟଣା ଗାଁ ଗସ୍ତ କରିଥିଲେ। ଗୋବିନ୍ଦପୁର ଗ୍ରାମର ମାଆ ମଙ୍ଗଳା ଜଙ୍ଗଲ କମିଟି ଓ ଆଖଣ୍ଡଳମଣି ଜଙ୍ଗଲ କମିଟି ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ବିଶେଷ କରି ଗାଁ ମାନଙ୍କରେ ଥିବା ଫଳନ୍ତି ଗଛ ଗୁଡିକର ସଠିକ୍ ମୂଲ୍ୟାୟନ ସହିତ ଜୀବିକା ହରାଉଥିବା ଲୋକମାନଙ୍କ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିବା ଜଣାପଡିଛି। ଏଥି ସହିତ ପାନବରଜ ଭଙ୍ଗା ସହିତ କିପରି ଖୁବ୍ ଶ୍ରୀଘ୍ର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ସେ ସମ୍ପର୍କରେ ଏହି ପ୍ରତିନିଧି ଦଳ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ।

## ଦ୍ୱିତୀୟ ଦିନରେ ୭୩ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ



ଫୁଲନଖରା, (ପି.ଏନ); ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆଜି ନାମାଙ୍କନ ପତ୍ର ଭରିବାର ଦ୍ୱିତୀୟ ଦିବସରେ ମୋଟ ୭୩ଜଣ ଆଶାୟୀ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବାରଙ୍ଗ ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଖଲର୍ଦ୍ଦା, ସାଇଁଶୋ, ନଗରୀ, ମୁଣ୍ଡଳୀ ଓ ବେଲଗଛିଆ ପାଇଁ ଜଣେ ଲେଖାଏଁ ସରପଞ୍ଚ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲାବେଳେ କୁରାଙ୍ଗଶାସନ, କୋରକରା, ନଗରୀ, ଖଲର୍ଦ୍ଦା ଓ କୁରାଙ୍ଗପ୍ରଧାନ ପଞ୍ଚାୟତ ସମିତି ସଭ୍ୟ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ସେହିପରି ୱାର୍ଡ଼ ସଭ୍ୟ ପାଇଁ ଆଜି ମୋଟ ୬୩ ଜଣ ନାମାଙ୍କନ ପତ୍ର ଭରିଥିବା ଜଣାଯାଇଛି। ଗତକାଲି ପ୍ରଥମ ଦିନରେ ବିଭିନ୍ନ ଆସନ ପାଇଁ ୪୦ଜଣ ସେମାନଙ୍କର ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ତେବେ ବାରଙ୍ଗ ବ୍ଲକ ଅନ୍ତର୍ଗତ ୩୨ ଓ ୩୩ ନମ୍ବର ଜିଲାପରିଷଦ ଜୋନ ମଧ୍ୟରୁ ୩୩ନମ୍ବର ଜୋନ ପାଇଁ କଂଗ୍ରେସ ଦଳ ପକ୍ଷରୁ ଦୀପକ କୁମାର ଭୋଇ ଏ ପର୍ଯ୍ୟନ୍ତ ଏକ ମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି।



ମାଆର ଅନାବିଳ ପ୍ରେମ,କୁକୁର ବିଲେଇ ଛୁଆକୁ କ୍ଷୀର ପିଇବାକୁ ଦେଉଥିବା ସମୟର ଦୃଶ୍ୟ (ଫଟୋ -ଯୋଗେଶ୍ୱର ପଣ୍ଡା, ଖୋର୍ଦ୍ଧା

# ଧର୍ମପରାୟଣ ଯାଗେଶ୍ୱରଙ୍କ ଶ୍ରଦ୍ଧାଞ୍ଜଳୀ ସଭା




ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ବ୍ଲକ ନିଜିଗଡ ତାପଙ୍ଗର ବିଶିଷ୍ଟ ସମାଜସେବୀ ଧର୍ମ ପରାୟଣ ବ୍ୟକ୍ତି ତଥା କଳିଙ୍ଗ ପାଇକ ସଙ୍ଗଠନର ବର୍ଷିୟାନ ସଦସ୍ୟ ସ୍ୱର୍ଗତ ଯାଗେଶ୍ୱର ପରିଡାଙ୍କର ଏକାଦଶାହ ତିଥିରେ କଳିଙ୍ଗ ପାଇକ ସଙ୍ଗଠନ ଓ ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳୀ ସଭାର ଆୟୋଜନ କରି ସ୍ମୃତି ଚାରଣ ସଭାର ଆୟୋଜନ କରାଯାଇଥିଲା ।ସଙ୍ଗଠନର ସମ୍ପାଦକ ସଂଗ୍ରାମ କେଶରୀ ଜଗଦେବଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଦଳ ବେହେରା ସ୍ମୃତି ପରିଷଦର ଉପ ସଭାପତି ଶ୍ରୀ ରଞ୍ଜନ ମଙ୍ଗରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ପରିଡାଙ୍କର ବହୁମୁଖି ବ୍ୟକ୍ତିତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସ୍ୱର୍ଗତ ପରିଡା ସମବାୟ ବିଭାଗର ବରିଷ୍ଠ ଅଧିକାରୀ ଭାବରେ ଦୀର୍ଘ ବର୍ଷ ଚାକିରୀ କରି ଅବସର ନେଲା ପରେ ଶେଷ ପର୍ଯ୍ୟନ୍ତ ଗ୍ରାମର ବିଭିନ୍ନଧାର୍ମିକ କାର୍ଯ୍ୟକ୍ରମ ଯଥା ପାରାୟଣ ,ପ୍ରବଚନ ଓ ଯଜ୍ଞାନୁଷ୍ଠାନ ସହ ଜଡିତ ରହି ସଦା ସର୍ବଦା ଗୀତା ଭାଗବତ ଆଦି ପଠନ କରୁଥିଲେ ।ଗତ ୭ ତାରିଖ ୮୯ ବର୍ଷ ବୟସରେ ତାଙ୍କର ଦେହତ୍ୟାଗ ହୋଇଥିଲା ।ଜଣେ ସରଳ,ମିଷ୍ଟଭାଷୀ ଓ ଶାନ୍ତ ସ୍ୱଭାବର ବ୍ୟକ୍ତି ଭାବରେ ଜଣାଶୁଣା ହୋଇ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ ବୋଲି ସଭାରେ ଉପସ୍ଥିତ ବକ୍ତାମାନେ ପରିପ୍ରକାଶ କରି ତାଙ୍କର ଗୁଣାବଳୀ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ କାଳୁ ଖଣ୍ଡାୟତରାୟ,ନବ କିଶୋର ଚହଟରାୟ,ରଙ୍କନିଧି ପାଲଟାସିଂହ, ସୁଧାଂଶୁ ଶେଖର ପରିଡା,କୃପାସିନ୍ଧୁ ବଳିୟାର ସିଂହ,ସଂଗ୍ରାମ ପାଲଟାସିଂହ,ବିଷ୍ଣୁ ପ୍ରସାଦ ବଳିୟାରସିଂହ ଓ କନ୍ୟା କାବେରୀ ଦାସ ପ୍ରମୁଖ ଫଟୋ ଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ସ୍ମୃତି ଚାରଣ କରିଥିଲେ ।ବଡପୁଅ ବିଭୁଦତ ସଂଗ୍ରାମସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାରାଦୀପରେ ଶତକ ଟପିଲା କରୋନା

ପାରାଦୀପ, (ପି.ଏନ): ସମଗ୍ର ବିଶ୍ୱରେ କରେନା ମହାମାରୀ ତାର କାୟା ବିସ୍ତାର କରିଚାଲିଛି । ଜଗତସିଂହପୁର ଜିଲ୍ଲାରେ ୨୭୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ସୂଚନାରୁ ଜଣାପଡିଛି । ଜିଲ୍ଲାର ପାରାଦୀପ ପୌରାଂଚଳରେ ସର୍ବାଧିକ ୧୧୧ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାଲିକୁଦା ୩୬, ବିରିଡି ୧୭,ଏରସମା ୪, କୁଜଙ୍ଗ ୧୮, ନାଉଗାଁ ୯, ତିର୍ତ୍ତୋଲ ୨୫, ରଘୁନାଥପୁର ୧୬,ଜଗତସିଂହପୁର ବ୍ଲକ୍ ୨୨, ଜଗତସିଂହପୁର ପୌରାଂଚଳ ୧୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି । ଶିଳ୍ପ ତଥା ବନ୍ଦର ସହର ପାରାଦୀପ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ପ୍ରଶାସନିକ ତତ୍ପରତା ନାହିଁ। ଏଠାରେ ପ୍ରଶାସନ ପକ୍ଷରୁ କୌଣସି କଟକଣା ଦେଖିବାକୁ ମିଳୁନାହିଁ। ପୌର ପ୍ରଶାସନ ନା ପୋଲିସ୍ ପ୍ରଶାସନ କେହି ବି କରୋନା କଟକଣା ଲାଗୁ କରିବାକୁ ପଦକ୍ଷେପ ନେଉ ନାହାନ୍ତି। ଲୋକମାନେ ବେପରୁଆ ଭାବେ ବୁଲୁଥିବା ବେଳେ ମାସ୍କ କି ସାମାଜିକ ଦୂରତା ବି ଦେଖିବାକୁ ମିଳୁନାହିଁ। ବଡପଡିଆ ପରିବା ମାର୍କେଟର ପରିବା ହାଟ, ମାଛ ହାଟ ସବୁଠୁ ଜନଗହଳି ପୂର୍ଣ୍ଣ ଅଂଚଳ ହୋଇଥିବା ବେଳେ ଏଠି ସାମାଜିକ ଦୂରତା ଲୋକମାନେ ମାନୁନାହାନ୍ତି । ଗତ କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ସମୟରେ କରୋନା କଟକଣା ବଜାୟ ରଖିବା ପାଇଁ ଏହି ପରିବା ହାଟ ଓ ମାଛ ହାଟକୁ ସ୍ଥାନାନ୍ତରିତ କରାଯାଇଥିଲା । ହେଲେ ପାରାଦୀପରେ କରୋନା ଶତକ ପାର ହେବା ପରେ ଆଉ କେବେ ମାଛ ଓ ପରିବା ହାଟ ସ୍ଥାନାନ୍ତରିତ ହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray